## କୋଟି ଟସ୍କର୍ସ କେରଳକୁ ୫୩୮ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଲେ କୋର୍ଟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୪୧ ● ୧୯ ଜୁନ୍ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-141 ●19th June 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



DADLS-33

ବର୍ଷ ଏକ ଉପଲବ୍ଧି ଅନେକ

ବିକଶିତ ଓଡ଼ିଶା ପାଇଁ ସମୁନ୍ନତ ଶିକ୍ଷା ବ୍ୟବସ୍ଥା

- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଶୁଭାରମ୍ଭ
- ୪୫୦୦୦ରୁ ଅଧିକ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିଶୁ ବାଟିକା କାର୍ଯ୍ୟକ୍ଷମ
- ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ଗୁରୁତ୍ୱ



OIPR-15001/13/0712/2526


## "ଆଦିବାସୀ ଶକ୍ତି ସମାବେଶ" ସଂସ୍କୃତି ଓ ପରମ୍ପରାର ଏକ ଅପୂର୍ବ ମିଳନ



ଭୁବନେଶ୍ୱର/ବାରିପଦା, ୧୮/୦୬ ନ୍ୟୁଜ ବ୍ୟୁରୋ

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବାରିପଦାର ଛଉ ପଡ଼ିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡ଼ିଶା ସାଂସ୍କୃତିକ ବୈଭବ ଚିତ୍ରପଟ୍ଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ତେଣୁ ଏହି ସଂସ୍କୃତିର ବିକାଶ ପାଇଁ ଆଗାମୀ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ପରିଣତ କରିବାକୁ ହେବ। ଆଗାମୀ ୧୧ ବର୍ଷ ଭିତରେ ଏହି ଲକ୍ଷ୍ୟକୁ *(ପୃଷ୍ଠା ୭ରେ)*

### ଗୋପାଳପୁର ଗଣଦୁଷ୍କର୍ମ ମାମଲା

## ଘଟଣାସ୍ଥଳରେ କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଟିମ୍



ବ୍ରହ୍ମପୁର ୧୮।୬ ନ୍ୟୁଜ ବ୍ୟୁରୋ

ଗୋପାଳପୁର ବେଳାଭୂମିରେ ଘଟିଥିବା ଗଣ ଦୁଷ୍କର୍ମ ମାମଲାରେ ରାଜ୍ୟସରକାରଙ୍କ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ପରେ ବୁଧବାର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତକାରୀ ଟିମ୍ ସେମାନଙ୍କର ତଦନ୍ତ ଆରମ୍ଭ କରିଛନ୍ତି। କ୍ରାଇମବ୍ରାଞ୍ଚ ଆଇଜି ଏସ୍ ସାଇନି ଏବଂ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗଣଦୁଷ୍କର୍ମ ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ ଆରମ୍ଭ କରିଛନ୍ତି ।

ସୂଚନା ଯୋଗ୍ୟ ଯେ, ଗୋପାଳପୁରର ବେଳାଭୂମିର ଏକ *(ପୃଷ୍ଠା ୭ରେ)*

### ନବୀନଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮/୦୬ ନ୍ୟୁଜ ବ୍ୟୁରୋ

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିନ୍ତା ପ୍ରକଟ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୋସିଆଲ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ *(ପୃଷ୍ଠା ୭ରେ)*

### ପ୍ରବଳ ବର୍ଷା ନେଇ ୫ ରାଜ୍ୟକୁ ରେଡ୍ ଆଲର୍ଟ

ଭୁବନେଶ୍ୱର, ୧୮/୦୬ ନ୍ୟୁଜ ବ୍ୟୁରୋ

ପ୍ରବଳ ବର୍ଷା ନେଇ ୫ ରାଜ୍ୟକୁ ରେଡ ଆଲର୍ଟ ହୋଇଛି । ଓଡ଼ିଶା, ପଶ୍ଚିମବଙ୍ଗ, ଝାଡଖଣ୍ଡ, ଆସାମ ଓ ମେଘାଳୟ ରାଜ୍ୟକୁ ରେଡ ଆଲର୍ଟ ଜାରି କରାଯାଇଛି। ସୁସ୍ପଷ୍ଟ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ନେଇ ଆଲର୍ଟ କରାଯାଇଛି । *(ପୃଷ୍ଠା ୭ରେ)*

## କେନ୍ଦ୍ରୀୟ ଟିମ୍‌ର ପରାମର୍ଶ : ବିଶୁଦ୍ଧ ପାନୀୟ ଜଳ ଯୋଗାଅ




ଭୁବନେଶ୍ୱର, ୧୮/୬ ନ୍ୟୁଜ ବ୍ୟୁରୋ

ପ୍ରଭାବିତ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ କେନ୍ଦ୍ରୀୟ ଟିମ୍ ଜୋର୍ ଦେଇଛନ୍ତି। ପାନୀୟ ଜଳର ମାନ ବୃଦ୍ଧି ସହ ବିଶୋଧିତ ଜଳ ଯୋଗାଣକୁ ଗୁରୁତ୍ୱ ପ୍ରଦାନ ଏବଂ ହାତ ପରିଷ୍କାର ରଖିବାକୁ ଲୋକଙ୍କୁ ସଚେତନ କରିବା ଉପରେ ମଧ୍ୟ କେନ୍ଦ୍ରୀୟ ଟିମ୍ ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ନଗର ଉନ୍ନୟନ ବିଭାଗ ସହ ଆଲୋଚନା ବେଳେ ଏମିତି କିଛି ପରାମର୍ଶ ଦେଇଛନ୍ତି କେନ୍ଦ୍ରୀୟ ଟିମ୍। ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍‌ଙ୍କ ଉପସ୍ଥିତିରେ କେନ୍ଦ୍ରୀୟ ଟିମ୍ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଗତ ୩ ଦିନ ଧରି ଯାଜପୁର ସମେତ ଝାଡାବାନ୍ତି ବ୍ୟାପିଥିବା *(ପୃଷ୍ଠା ୭ରେ)*

## ୨୦ରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ଭୁବନେଶ୍ୱର ଓ କଟକରେ ସ୍କୁଲ ବନ୍ଦ




ଭୁବନେଶ୍ୱର, ୧୮।୬ ନ୍ୟୁଜ ବ୍ୟୁରୋ

ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ଯୋଗ ଦେଉଛନ୍ତି। ଏଥିପାଇଁ ବିପୁଳ ଜନସମାଗମ ହେବାର ସମ୍ଭାବନା ରହିଥିବାରୁ ସହରରେ ଟ୍ରାଫିକ ସମସ୍ୟା ଉପୁଜିବାର ଆଶଙ୍କା କରାଯାଉଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ କଟକ ମହାନଗର ଅଞ୍ଚଳରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ୨୦ ତାରିଖରେ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ଏହି ନିଷ୍ପତ୍ତି ସହରରେ ଯାତାୟାତ ବ୍ୟବସ୍ଥାକୁ ସୁଗମ ରଖିବା ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ନିଆଯାଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଓ କଟକ ଶିକ୍ଷାଧିକାରୀଙ୍କୁ ୨୦ତାରିଖ ସ୍କୁଲ ବନ୍ଦ ନେଇ ଚିଠି ଲେଖାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସହରରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ସ୍ଥାନୀୟ ପ୍ରଶାସନ ନାଗରିକମାନଙ୍କୁ ଟ୍ରାଫିକ *(ପୃଷ୍ଠା ୭ରେ)*

## ଚିକିତ୍ସା ପାଇଁ ୨୦ରେ ମୁମ୍ବାଇ ଯିବେ ନବୀନ

ଭୁବନେଶ୍ୱର, ୧୮/୦୬ ନ୍ୟୁଜ ବ୍ୟୁରୋ



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧି ଦଳର ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ଆସନ୍ତା ୨୦ ତାରିଖରେ ମୁମ୍ବାଇ ଯାତ୍ରା କରିବେ। ଆସନ୍ତା ୨୨ରେ ସେ ମୁମ୍ବାଇର ପ୍ରଖ୍ୟାତ କୋକିଲା ବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଇବେ। ଏ ନେଇ ନବୀନ ନିଜେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସୂଚନା ଦେଇଛନ୍ତି। ନବୀନ ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ ସେ ସର୍ଭାଇକାଲ ଆର୍ଥ୍ରାଇଟିସ୍‌ର ଚିକିତ୍ସା ପାଇଁ ମୁମ୍ବାଇ ଯାଉଛନ୍ତି। ତାଙ୍କର ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ସେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଆ ଭାଇଭଉଣୀଙ୍କ *(ପୃଷ୍ଠା ୭ରେ)*

## ନିର୍ବାଚନ ଆୟୋଗର ନୂଆ ବ୍ୟବସ୍ଥା : ୧୫ ଦିନରେ ପହଞ୍ଚିବ ଭୋଟର ପରିଚୟପତ୍ର

ନୂଆଦିଲ୍ଲୀ, ୧୮।୬

ନିର୍ବାଚନ ଆୟୋଗ ବୁଧବାର ଘୋଷଣା କରିଛନ୍ତି ଯେ ଏଣିକି ଭୋଟର ପରିଚୟ ପତ୍ର ୧୫ ଦିନ ମଧ୍ୟରେ ଭୋଟରଙ୍କୁ ପହଞ୍ଚାଇ ଦିଆଯିବ, ଯାହା ପୂର୍ବରୁ ଲାଗୁଥିବା ସମୟକୁ ପ୍ରାୟ ଅଧା କରିଦେଇଛି। ଇସିଆଇ ଅଧିକାରୀ ଜଣାଇଛନ୍ତି ଯେ ଏହା ପୂର୍ବରୁ ଭୋଟର ଫଟୋ ପରିଚୟ ପତ୍ର (ଇପିଆଇସି) ଭୋଟରଙ୍କୁ ପହଞ୍ଚାଇବାକୁ ଏକ *(ପୃଷ୍ଠା ୭ରେ)*



### ବାଲ୍ ସାହିତ୍ୟ ଓ ଯୁବ ପୁରସ୍କାର ଘୋଷଣା

## ସୁବ୍ରତ ଏବଂ ରାଜକିଶୋରଙ୍କୁ ସାହିତ୍ୟ ଏକାଡେମୀ ସମ୍ମାନ




ଭୁବନେଶ୍ୱର,୧୮/୦୬ ନ୍ୟୁଜ ବ୍ୟୁରୋ

କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ଓ ଯୁବ ପୁରସ୍କାର ଘୋଷଣା ହୋଇଛି । ଓଡ଼ିଶାର ସୁବ୍ରତ ସେନାପତି ଏବଂ ରାଜକିଶୋର ପାଢୀଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନରେ ସମ୍ମାନିତ କରାଯିବ । 'କଦମ୍ବ ବନ' ପାଇଁ ଯୁବ ଲେଖକ ସୁବ୍ରତ କୁମାର ସେନାପତି ଏବଂ 'କେତେ ଫୁଲ ଫୁଟିଛି' ବହି ପାଇଁ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ ୨୦୨୫ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ଓ ବାଲ ପୁରସ୍କାର ପାଇବେ ବୋଲି ସୂଚନା ମିଳିଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ କାର୍ଯ୍ୟନିର୍ବାହୀ ବୈଠକର ନିଷ୍ପତ୍ତି କ୍ରମେ ୨୦୨୫ ବର୍ଷ ପାଇଁ ଏକାଡେମୀ ଯୁବ ଏବଂ ବାଲ ପୁରସ୍କାର ଘୋଷଣା କରାଯାଇଛି । ଉଭୟ ପୁରସ୍କାର ବାବଦକୁ ୫୦ ହଜାର ଟଙ୍କା, ଉପଢୌକନ ଓ ସ୍ମାରକୀ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ଯୁବ ପୁରସ୍କାର ଚୂଡାନ୍ତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ସାହିତ୍ୟିକ ଯଶୋଧାରା ମିଶ୍ର, ରବି ସ୍ୱାଇଁ, ସୁଭାଷ ଶତପଥି ଏବଂ ବାଲ ପୁରସ୍କାର ଚୂଡାନ୍ତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ, ଡ. ଶକୁନ୍ତଳା ବଳିୟାରସିଂହ ଏବଂ ରାମଚନ୍ଦ୍ର ନାୟକ ପ୍ରମୁଖ ଥିଲେ ବୋଲି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଗୌରହରି ଦାସ ସୂଚନା ଦେଇଛନ୍ତି। ଏକାଡେମୀ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ଉଭୟ ମନୋନୀତ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ । ପୁରସ୍କାର ଘୋଷଣା ପରେ ଉଭୟଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର *(ପୃଷ୍ଠା ୭ରେ)*

# ମାଡୁଛି ହଇଜା, କରୋନା ଓ ଜଣ୍ଡିସ୍ : ଚିନ୍ତାରେ ସରକାର



ଭୁବନେଶ୍ୱର,୧୮/୬ ନ୍ୟୁଜ ବ୍ୟୁରୋ

ମାଡ଼ି ଚାଲିଛି ଝାଡ଼ାବାନ୍ତି। ଜିଲ୍ଲା ପରେ ଜିଲ୍ଲାକୁ ଡେଇଁବାରେ ଲାଗିଛି। ହଇଜା ଭୂତାଣୁ ଠାବ ହେଲାଣି ବିଭିନ୍ନ ଜିଲ୍ଲାରୁ। ଏପଟେ କରୋନା, ଜଣ୍ଡିସ୍ ଭୟ ବି ଘାରିଛି। ଏଭଳି ସ୍ଥିତିରେ ଆଉ ଦିନ କେଇଟା ପରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ରାଜ୍ୟର କୋଣ ଅନୁକୋଣ ସହ ଦେଶ ବିଦେଶରୁ ଛୁଟି ଆସିବେ ପୁରୀକୁ । ଲୋକାରଣ୍ୟ ହେବ ପୁରୀ ସହର । ତେଣୁ ଏବେଠାରୁ ଛାତିରେ ଛନକା ପଶିଲାଣି । ଯଦି ରଥଯାତ୍ରା ସମୟରେ ପୁରୀରେ ଝାଡ଼ାବାନ୍ତି ବ୍ୟାପିଲା କିମ୍ବା ହଇଜା ମାଡ଼ିଲା... ତେବେ କ'ଣ ହେବ ? ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇପାରେ। ସରକାରୀ ରିପୋର୍ଟ ଅନୁସାରେ ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ଭଦ୍ରକ ଓ କଟକରେ ଝାଡ଼ାବାନ୍ତି ବ୍ୟାପିଛି । ୪୨୯ ଜଣ ନୂଆ ରୋଗୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମାତ୍ର ବେସରକାରୀ ତଥ୍ୟ ଅନୁସାରେ ୯ ଜିଲ୍ଲାକୁ ଝାଡ଼ାବାନ୍ତି ବ୍ୟାପିଛି । ମୁଖ୍ୟତଃ ଦୂଷିତ ପାଣି ଓ ନିମ୍ନମାନର ଖାଦ୍ୟ ହିଁ ଏହାର କାରଣ ବୋଲି କୁହାଯାଉଛି । ବିଶେଷଜ୍ଞ ଟିମ୍ ଏ ଜିଲ୍ଲାରୁ ସେ ଜିଲ୍ଲାକୁ ଯାଇ ନିତି ତନାଘନା କରୁଛନ୍ତି। ହେଲେ ବର୍ଷା ଦିନ ଆରମ୍ଭ ହୋଇଥିବାରୁ ସ୍ଥିତି ନିୟନ୍ତ୍ରଣକୁ ଆସିବା ଏତେ ସହଜ ହେଉନି।

ଏଭଳି ସମୟରେ ପୁରୀରେ ରଥଯାତ୍ରା ଆୟୋଜନ ସରକାର ଓ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି। ରଥଯାତ୍ରା ସମୟରେ ପୁରୀକୁ ଝାଡ଼ାବାନ୍ତି ସଂକ୍ରମିତ ଅଞ୍ଚଳ ସହ ପ୍ରତି ଜିଲ୍ଲାରୁ ଲୋକେ ଆସିବେ। ବଡ଼ଦାଣ୍ଡରୁ ନେଇ ସମୁଦ୍ରକୂଳ ଓ ଗଳିକନ୍ଦିରେ ଭଳିକି ଭଳି ଖାଦ୍ୟ ପସରା ସହ ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ଲାଗିବ। ତେବେ ଏ ଖାଦ୍ୟ କେତେ ସୁରକ୍ଷିତ, ସ୍ୱଚ୍ଛ, ତାହାର ମାନ ଯାଞ୍ଚ କରିବା ସ୍ୱାସ୍ଥ୍ୟ ବିଭାଗ ଏବଂ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି । ରଥଯାତ୍ରା ସମୟରେ ଭୀଷଣ ଗରମକୁ ଲକ୍ଷ୍ୟ କରି ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ, ସରବତ୍, ମୃଦୁ ପାନୀୟ, ଦହି ପାଣି, ଟଙ୍କ ତୋରାଣି ବ୍ୟବସ୍ଥା ବି କରାଯାଏ। ଏହି ପାଣିର ମାନ ଯଦି ବିଶୁଦ୍ଧ ହୋଇନଥିବ, ସ୍ଥିତି ବିଗାଡ଼ିପାରେ । ଭିଡ଼କୁ ଦେଖି ହୋଟେଲ, ଫାଷ୍ଟଫୁଡ୍, ଜଳଖିଆ ଦୋକାନ ଓ ରାସ୍ତାପାର୍ଶ୍ୱ ବୁଲା ବିକାଳିଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ, ଚା' ମଧ୍ୟ ଝାଡ଼ାବାନ୍ତି, ହଇଜା ଓ ଜଣ୍ଡିସ ଭଳି ରୋଗକୁ ଡାକି ଆଣିପାରେ । ଯଦି ଥରେ ଏଭଳି କିଛି ସଂକ୍ରମଣ ବ୍ୟାପିବ, ନିୟନ୍ତ୍ରଣକୁ ଆଣିବା କଷ୍ଟକର ହୋଇପଡ଼ିବ। ତା' ଛଡ଼ା ବାସି ଓ ନିମ୍ନମାନର ଖାଦ୍ୟ ଉପରେ କିଭଳି କଡ଼ା ନଜର ରଖିହେବ ତାହା ଜନସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଲାଣି । କେବଳ ପୁରୀ ସହର ନୁହେଁ, ଭୁବନେଶ୍ୱରରୁ ପୁରୀ ଯିବାବେଳେ ରାସ୍ତାପାର୍ଶ୍ୱ ହୋଟେଲ, ରେସ୍ତୋରାଁ, ଜଳଖିଆ ଦୋକାନ, ଚା' ଦୋକାନ ଏବଂ ଉଠାଦୋକାନରେ ପ୍ରସ୍ତୁତ ଖାଦ୍ୟ ଓ ପାନୀୟ ଜଳ ମଧ୍ୟ ବିଭିନ୍ନ ସଂକ୍ରମିତ ରୋଗର କାରଣ ହୋଇପାରେ । ବହୁ କମ୍ପାନି ଶସ୍ତାରେ ବଜାରକୁ ପାଣି ବୋତଲ ଛାଡ଼ିଛନ୍ତି । ଅଧିକାଂଶ କମ୍ପାନିର ପାଣି ବିଶୁଦ୍ଧ ନଥିବାବେଳେ କେବଳ ଷ୍ଟିକର ମାରି ବଜାରକୁ ଛଡ଼ାଯାଇଛି । ଏଭଳି ନିମ୍ନମାନର ପାଣି ପିଇଲେ ମଧ୍ୟ ସଂକ୍ରମଣ ବ୍ୟାପିପାରେ। ଖାଲି ସେତିକି ନୁହେଁ, କରୋନା ଉପରେ ବି ନଜର ଦେବାକୁ ହେବ । ସଂକ୍ରମଣ ବ୍ୟାପିଲେ ଆଗକୁ ସ୍ଥିତି ବିଗିଡ଼ିପାରେ । ଜ୍ୱର, ଥଣ୍ଡା, ଝାଡ଼ା ଲକ୍ଷଣ ଥିବା ଲୋକେ ରଥଯାତ୍ରା ସମୟରେ ପୁରୀ ଆସିଲେ ସ୍ଥିତି ବିଗିଡ଼ିପାରେ। ଏନେଇ ରାଜ୍ୟ ସରକାରଙ୍କୁ ମଧ୍ୟ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ହେବ। ସବୁଦିଗକୁ ଧ୍ୟାନରେ ରଖି ସରକାର ସତର୍କତାମୂଳକ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି । କଟକ ଜିଲ୍ଲା ନରସିଂହପୁରରେ ଜଣେ ଓ ଟାଙ୍ଗୀରେ ଜଣଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଛି। ବୁଧବାର ସୁଦ୍ଧା ରାଜ୍ୟର ୮ଟି ଜିଲ୍ଲାରେ ଶହ ଶହ ଡାଇରିଆ ରୋଗୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ, କେନ୍ଦୁଝର, ପୁରୀ ଓ ବାଲେଶ୍ୱରରେ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି । କିନ୍ତୁ ପ୍ରାୟ ସବୁ ଜିଲ୍ଲାବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ସରକାର। ରାଜ୍ୟ ସରକାରଙ୍କ ସହ କେନ୍ଦ୍ରୀୟ ଟିମ୍‌ର ବଡ଼ ବୈଠକ କରିଥିବା ବେଳେ ଗ୍ରାଉଣ୍ଡ ରିପୋର୍ଟ ନେଇ ବୈଠକରେ ଆଲୋଚନା ମଧ୍ୟ ହୋଇଛି । ଆଗାମୀ ପଦକ୍ଷେପ ନେଇ ସରକାରଙ୍କୁ ପରାମର୍ଶ ଦେବେ ଏହି ଟିମ୍‌ର ସଦସ୍ୟ। ସେପଟେ ଦୂଷିତ ପାଣି ଯୋଗୁ ଡାଇରିଆ ବ୍ୟାପିଥିବା ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି କେନ୍ଦ୍ରୀୟ ଟିମ୍ । ରାଜ୍ୟରେ ଝାଡାବାନ୍ତି ସ୍ଥିତି ସାମାନ୍ୟ କମିଥିଲେ ବି ଏଥିରେ ସମ୍ପୂର୍ଣ୍ଣ ବ୍ରେକ୍ ଲାଗିନି। ଯାଜପୁରରୁ ଆରମ୍ଭ ହୋଇଥିବା ଡାଇରିଆ ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ମାଡ଼ିବାରେ ଲାଗିଛି। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସ୍ଥିତିକୁ ଦେଖି ରାଜ୍ୟର ସବୁ ଜିଲ୍ଲାକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେତିକି ନମୁନା ପରୀକ୍ଷା ହୋଇଥିଲା ତା' ମଧ୍ୟରୁ ୧୦ ପ୍ରତିଶତରେ କଲେରା ଜୀବାଣୁ ଚିହ୍ନଟ ହୋଇଛି। ହସପିଟାଲ୍ ଆସୁଥିବା ନୂଆ ରୋଗୀଙ୍କ ପାଖରେ ବି ଲକ୍ଷଣ ସମାନ ରହୁଛି। ମୁଖ୍ୟ ଶାସନ ସଚିବ ସ୍ଥିତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରିଥିଲେ । ଗ୍ରାଉଣ୍ଡ ଭିଜିଟ୍ କରିଥିବା କେନ୍ଦ୍ରୀୟ ଟିମ୍ ସହ ବୈଠକରେ ସ୍ଥିତି ବାବଦରେ ଆଲୋଚନା କରିଛନ୍ତି ମୁଖ୍ୟ ଶାସନ ସଚିବ । ସେପଟେ ଗାଁ ଗାଁରେ ବିଶୋଧନ ପ୍ରକ୍ରିୟା ଜାରି ରହିବା ସହ ମାଇକ୍ ଜରିଆରେ ଲୋକଙ୍କୁ ସଚେତନ କରାଯାଉଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଜୁନ, ଗୁରୁବାର ୨୦୨୫





## ନୁଦୁରପଡ଼ା ରାସ୍ତା ପାଲଟିଲାଣି ମରଣଯନ୍ତା

# ମରାମତି ପାଇଁ ବଡ଼ ଧରଣର ଦୁର୍ଘଟଣାକୁ ଅପେକ୍ଷା କରିଛି ପୂର୍ତ୍ତବିଭାଗ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝରର ପ୍ରମୁଖ ରାସ୍ତାମାନଙ୍କ ମଧ୍ୟରୁ ଜିଲ୍ଲା ମୁଖ୍ୟାଳୟରୁ ରାଜ୍ୟ ମୁଖ୍ୟାଳୟକୁ ସଂଯୋଗ କରୁଥିବା ନରଣପୁର ବ୍ରହ୍ମଣିପାଳ ରାସ୍ତା ଅନ୍ୟତମ। ଏହି ରାସ୍ତା ଗାଡ଼ିର ଚଳକମାନଙ୍କ ପାଇଁ ଯେତିକି ପସନ୍ଦ ସେତିକି ମଧ୍ୟ ସୁଗମ୍ୟ। ଏହି ରାସ୍ତାର ଆବଶ୍ୟକୀୟ ସମୟ ବ୍ୟବଧାନରେ ରକ୍ଷଣାବେକ୍ଷଣ ଦିଗରେ ପୂର୍ତ୍ତବିଭାଗ ଦୃଷ୍ଟି ଦେଉନଥିବା ବାରମ୍ବାର ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଥାଏ। ରକ୍ଷଣାବେକ୍ଷଣ କିମ୍ବା ମରାମତି ନକରି ରାସ୍ତା ତମାମ ଦୁର୍ଘଟଣା ରୋକିବା ନାମରେ ହମ୍ପସ ଓ ରମ୍ବଲର୍ସ ନିର୍ମାଣ କରି ଦାୟିତ୍ୱ ସାରି ଦେଉଛି। ହେଲେ ବିନା ସୂଚନା ଫଳକ



ଓ ସତର୍କ ରେଖା ଯୋଗୁ ଏହି ହମ୍ପସ ପାଇଁ ଯେ ପ୍ରତିଦିନ ଶହ ଶହ ଗାଡ଼ି ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି ସେକଥା ପାଶୋରି ଯାଉଛି। ବିଭିନ୍ନ ସ୍ଥାନରେ ରାସ୍ତା ମରଣଯନ୍ତା ପଲଟିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର ମରାମତି କରାଯାଉନାହିଁ। ବର୍ଷା ପୂର୍ବରୁ ଉପଯୁକ୍ତ ମରାମତି ନହେଲେ ଏହି ରାସ୍ତା ଆଗକୁ ଆହୁରି ଅଧିକ ଖରାପ ହୋଇ ଦୁର୍ଘଟଣାକୁ ହାତଠାରି ଡାକିବ। କେବଳ ଯେ ନୂଦୁରୁପଡ଼ା ଛକ ନିକଟରେ ରାସ୍ତା ଖରାପ ହୋଇଛି ତାହା ନୁହେଁ। ନରଣପୁର, ତୁଳସୀଚଉରା ରାମଚନ୍ଦ୍ରପୁର, ଦେଓବନ୍ଧ, ଉକୁଚାବେଡା, ବସନ୍ତପୁର ଓ ପିଟାପିଟି ଆଦି ସ୍ଥାନରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଏପରି ସ୍ଥଳେ ପୂର୍ତ୍ତବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ବିକାଶକୁ କେଉଁ ଦିଗକୁ ନେଉଛନ୍ତି ତାହା ସହଜରେ ଅନୁମେୟ ବୋଲି କହୁଛନ୍ତି ନରଣପୁରର ଅନେକ ବରିଷ୍ଠ ବୁଦ୍ଧିଜୀବୀ। ଏ ବିଷୟରେ ପୂର୍ତ୍ତ ବିଭାଗ ଅଧିକାରୀ କହିଛନ୍ତି ଯେ ଏହି ବିଷୟରେ ସେମାନେ ଅବଗତ ଅଛନ୍ତି। ରାସ୍ତାର ଅବସ୍ଥା ବିଭାଗର ନଜରକୁ ଆସିଛି। ଯଥା ସମୟରେ ଏହାର ମରାମତି କରାଯିବ। ଦେଖିବାକୁ ବାକି ରହିଲା ଯେ ଏହି ମରାମତି ବର୍ଷା ପୂର୍ବରୁ ହେବ କି ଦୁର୍ଘଟଣାରେ ଆଉ କିଛି ଜୀବନ ଯିବା ପରେ।

## ବସ୍ ଯାତ୍ରାରେ ଛାତ୍ରଛାତ୍ରୀଙ୍କୁ ରିହାତି ପ୍ରଦାନ ପାଇଁ ଛାତ୍ର କଂଗ୍ରେସର ଦାବି

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଛାତ୍ର କଂଗ୍ରେସ ତରଫରୁ ବିଗତ କଂଗ୍ରେସ ସରକାରଙ୍କ ଅମଳରେ ଲାଗୁ ହୋଇଥିବା ବସ୍ ଯାତ୍ରାରେ ଛାତ୍ରଛାତ୍ରୀମାନଙ୍କୁ ରିହାତିକୁ ବର୍ତ୍ତମାନର ବିଜେପି ସରକାର ଓ ପୂର୍ବର ବିଜେଡି ସରକାର ବନ୍ଦ କରି ଦେଇଥିବା ପ୍ରତିବାଦରେ ଏକ ଦାବିପତ୍ର ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ମହାମହିମ୍ ରାଜ୍ୟପାଳଙ୍କୁ ଦିଆଯାଇଛି। ଉକ୍ତ ଦାବିପତ୍ରରେ ସରକାରୀ ବସ୍‌ରେ ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ବସଭଡ଼ା ଛାଡ଼ ଓ ଘରୋଇ ବସରେ ଶତକଡା ୫୦ ଭାଗ ରିହାତି ଦେବା ସକାଶେ ଦାବି କରାଯାଇଛି। ଜିଲ୍ଲା ଛାତ୍ର କଂଗ୍ରେସ ସଂଯୋଜକ ପ୍ରତ୍ୟୁଷ ମହାନନ୍ଦଙ୍କ ନେତୃତ୍ୱରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରିଥିଲା। ଗାନ୍ଧୀଛକ ଠାରେ



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଆରଟିଓ ଅଫିସ ଠାରେ ପହଞ୍ଚି ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆରଟିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ଜିଲ୍ଲା ସଂଯୋଜକ ପ୍ରତ୍ୟୁଷ ମହାନନ୍ଦ, ସ୍ମୃତି ରଞ୍ଜନ ପାତ୍ର, ଆଶୁତୋଷ ସେଠୀ, ମାନସ ରଞ୍ଜନ କୁମ୍ଭାର, ରଘୁନାଥ କହଁର, ଜିତେନ୍ଦ୍ର ଦେହୁରୀ, ସଞ୍ଜୀବ ତାଣ୍ଡିଆଙ୍କ ସମେତ ଜିଲ୍ଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର, ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ମହିଳା କଂଗ୍ରେସର ସନ୍ଧ୍ୟାରାଣୀ ସିଂହ, ମମତା ପଣ୍ଡା, ସୁଶାନ୍ତ ମଲ୍ଲିକ, ପ୍ରତାପ ପଣ୍ଡା, ରୋହିତାସ୍ୱ ବେହେରା, ପ୍ରଦୀପ ମହାନନ୍ଦ, ବୁଦ୍ଧଦେବ ପ୍ରଧାନ, ସମରେନ୍ଦ୍ର ମହାକୁଲ, ସଞ୍ଜୀବ ପଣ୍ଡା, ପ୍ରମୋଦ ପ୍ରଧାନ,ବିଶ୍ୱାମିତ୍ର ପାଢ଼ୀ, ନିତ୍ୟାନନ୍ଦ କର୍ମୀ, ସୁନାଧର ପୁଟେଲ, ଅଭିଳାଷ ସ୍ୱାଇଁ, ଅର୍ଜୁନ ମହାନନ୍ଦିଆ, ଝରିଆ ସାହୁ, ସୁଧାଂଶୁ କହଁର ପ୍ରମୁଖ ଯୋଗ ଦେଇଥିଲେ।

## ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସଚେତନତା ରାଲି

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କଳାପଥର ଗ୍ରାମପଞ୍ଚାୟତରେ ଓଡ଼ିଶା ରାଜ୍ୟ ସାମାଜିକ ସମୀକ୍ଷା, ଉତ୍ତର- ଦାୟିତ୍ୱ ଓ ସ୍ୱଚ୍ଛତା ସମିତି ତଥା ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ତରଫରୁ କଳାପଥର ଗ୍ରାମରେ ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ଏକ ସଚେତନତା ରାଲିକୁ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟକାନ୍ତି ମେହେର ଉଦ୍‌ଘାଟନ କରିଥିଲେ। ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଉଭୟ ଯୋଜନା ବିଷୟରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସମୀକ୍ଷକ ହୃଷିକେଶ ମହାକୁର, କାର୍ଯ୍ୟନିର୍ବାହୀ ଅଧିକାରୀ ଗୀତାଞ୍ଜଳି ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଛତ୍ରିଆ, ସାମାଜିକ କର୍ମୀ ଗୋପାଳ ପଧାନ, ମନରେଗା ସହାୟକ ରମାକାନ୍ତ ମିଶ୍ର ଏଥିରେ ବ୍ଲକ ସାମାଜିକ ସମୀକ୍ଷକ ସୋନପୁର ସୁଦାମ ଗାଇଗରିଆ, ଉଲୁଣ୍ଡା ବିଏସଏ ମୋନଜ ସେଠି, ଡୁଙ୍ଗୁରିପାଲି ବିଏସଏ ସଞ୍ଜୟ ବଡ଼ମାଳି, ବିରମହରାଜପୁର ବିଏସଏ ଚୈତନ୍ୟ ମଲ୍ଲିକ ଯୋଗ ଦେଇଥିବାବେଳେ ବ୍ଲକର ସମସ୍ତ ଗ୍ରାମ ସମ୍ବଳ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସିଆରପି ଅଣକୁଶଳୀ ଶ୍ରମିକ, ପଞ୍ଚାୟତ ଜନ ପ୍ରତିନିଧି ଉପସ୍ଥିତ ଥିଲେ।



## ଜିଲ୍ଲାରେ ଶିଶୁ ଶ୍ରମିକ ନିୟୋଜନ ନିଷେଧ ସଚେତନତା ରଥର ଶୁଭାରମ୍ଭ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଶିଶୁ ଶ୍ରମ ମୁକ୍ତ ଓଡ଼ିଶା ଆମ ସମସ୍ତଙ୍କ ଲକ୍ଷ୍ୟ ହେଉ, ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ଶିଶୁ ଶ୍ରମିକ ନିୟୋଜନକୁ ନିଷେଧ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ପରିସରରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ଜିଲ୍ଲାପାଳ ଅନ୍ୟା ଦାସ ଶିଶୁ ଶ୍ରମିକ ନିୟୋଜନ ନିଷେଧ ସଚେତନତା ରଥକୁ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା ରଥ ଜିଲ୍ଲାର ବିଭିନ୍ନ ସହରାଞ୍ଚଳ ସହିତ ସୋନପୁର ମ୍ୟୁନିସିପାଲିଟି ଅଞ୍ଚଳ ପରିକ୍ରମା କରି ଜନସାଧାରଣଙ୍କୁ ଶିଶୁଶ୍ରମିକ ନିୟୋଜନ ଉପରେ ସଚେତନତା କରାଇବ। ସଚେତନତା କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରାଇବା ଉଦ୍ଦେଶ୍ୟରେ ଜିଲ୍ଲା ଶ୍ରମ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ଆଗାମୀ ୨୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବାର ସ୍ଥିର ହୋଇଥିବା ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଖାକା ସୂଚନା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତରରେ ଆସନ୍ତା ୧୬ ତାରିଖରେ ଏକ ସଚେତନତା ଶୋଭାଯାତ୍ରା ସହ ଶପଥ ପାଠ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୁନଶ୍ଚ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗ ସହଯୋଗରେ ଜୁନ ୨୦ ତାରିଖରେ ଶିଶୁ ଶ୍ରମ ନିଷେଧ ଉପରେ ସଚେତନତା ବୈଠକ ଅନୁଷ୍ଠିତ ହେବ। ତତ୍ ସହ ଆସନ୍ତା ୨୬ ପର୍ଯ୍ୟନ୍ତ ଜିଲ୍ଲାରେ ଶିଶୁ ସୁରକ୍ଷାକୁ ଅଧିକ ଗୁରୁତ୍ୱାରୋପ କରାଯାଇ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଉପରେ ଚଢ଼ଉ ତଥା ଶିଶୁ ଉଦ୍ଧାର କାର୍ଯ୍ୟକ୍ରମ କରିଯିବା ଉପରେ ସୂଚନା ଦେଇଛନ୍ତି ଜିଲ୍ଲା ଶ୍ରମ ଅଧିକାରୀ। ଚଉଦ ବର୍ଷ ପୂରଣ କରିନଥିବା ଶିଶୁଙ୍କୁ କାର୍ଯ୍ୟରେ ନିଯୁକ୍ତି କରିବା ଦଣ୍ଡନୀୟ ଅପରାଧ ଅଟେ। ପୁନଶ୍ଚ ଶିଶୁଙ୍କୁ ଶ୍ରମିକ ଭାବେ କାମରେ ନିୟୋଜିତ କରାଉଥିବା ବ୍ୟକ୍ତିଙ୍କୁ ମଧ୍ୟ ଆଇନ ଅନୁଯାୟୀ କଠୋର ଦଣ୍ଡର ବ୍ୟବସ୍ଥା ରହିଛି। ଅନୁଷ୍ଠିତ ଶୁଭାରମ୍ଭ ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଲ୍ଲବୀ ରାଣୀ ରାଜ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ସ୍ଥାନୀୟ ନେତୃ ବୃନ୍ଦ, ବିଭିନ୍ନ ଶ୍ରମିକ ସଂଗଠନର କର୍ମ କର୍ତ୍ତା, ଶ୍ରମ ବିଭାଗର କର୍ମଚାରୀ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିକଶିତ ଭାରତ ସଂକଳ୍ପର ଏକ ପ୍ରମୁଖ ଆଧାର ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ

**କେନ୍ଦୁଝର, ନ୍ୟୁଜ୍**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଆଦିବାସୀ କଲ୍ୟାଣ ନିମିତ୍ତ ଉଦ୍ଦିଷ୍ଟ ବହୁ ଆକାଂକ୍ଷିତ ଯୋଜନା 'ଧରତୀ ଆବା ଜନଜାତିୟ ଗ୍ରାମ ଉତ୍କର୍ଷ ଅଭିଯାନ' ଜନଜାତି ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ଲାଗି ଅନୁମୋଦିତ ହୋଇଛି।

ଯାହାକି ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ସେବା, ଶିକ୍ଷା ଏବଂ ଜୀବିକା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ଦୂର କରି ଜନଜାତି ଅଞ୍ଚଳ ଏବଂ ସମ୍ପ୍ରଦାୟର ବ୍ୟାପକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏହାଏକ ସମନ୍ୱିତ ଆଭିମୁଖ୍ୟ ଏବଂ ଭାରତ ସରକାରଙ୍କ ବିଭିନ୍ନ ଯୋଜନାର ସମନ୍ୱୟ ମାଧ୍ୟମରେ, ଲକ୍ଷ୍ୟ ହାସଲ କରିବାର ଏକ ସାମଗ୍ରିକ ଏବଂ ସ୍ଥାୟୀ ପ୍ରୟାସ। ଏହି ମିଶନ ଦ୍ୱାରା ମନୋନୀତ ଜନଜାତି ବହୁଳ ଗ୍ରାମ (୫୦୦ କିମ୍ବା ତା'ଠାରୁ ଅଧିକ ଜନସଂଖ୍ୟା, ଅତି କମ୍‌ରେ ୫୦% ଆଦିବାସୀ ବାସିନ୍ଦା ତଥା ଆକାଂକ୍ଷୀ ଜିଲ୍ଲାର ୫୦ କିମ୍ବା ତା' ଠାରୁ ଅଧିକ ଜନଜାତି ଜନସଂଖ୍ୟା ଥିବା ଗ୍ରାମ)ରେ ସକ୍ଷମ ଭିତ୍ତିଭୂମି ବିକାଶ ଏବଂ ସାମାଜିକ-ଅର୍ଥନୈତିକ ସ୍ଥିତିକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ମିଶନରେ ଓଡ଼ିଶାର ୨୭ଟି ଜିଲ୍ଲା, ୨୩୪ ବ୍ଲକ, ୭୬୬୭ ଗ୍ରାମ, ୧୦,୮୩,୬୬୧ ଜନଜାତି ପରିବାର ଏବଂ ୪୮,୧୫,୬୭୦ ଜନଜାତି ଲାଭାର୍ଥି ଅନ୍ତର୍ଭୁକ୍ତ ଅଛନ୍ତି। କେନ୍ଦ୍ର ସ୍ତରରେ ୧୭ଟି ବିଭାଗ ଏବଂ ରାଜ୍ୟ ସ୍ତରରେ ୧୩ଟି ବିଭାଗର ମିଳିତ ଉଦ୍ୟମରେ ଏଇ ମିଶନ ଯୋଗେ ୨୫ଗୋଟି ସେବା ପ୍ରଦାନ କରାଯାଉଛି। ନିରାପଦ ବାସସ୍ଥାନ, ବିଶୁଦ୍ଧ ପାନୀୟଜଳ ଓ ପରିମଳ ବ୍ୟବସ୍ଥା, ଉନ୍ନତ ଶିକ୍ଷାର ସୁଯୋଗ, ସ୍ୱାସ୍ଥ୍ୟ ଓ ପୁଷ୍ଟି, ସଡ଼କ ଓ ଦୂରସଂଚାର ସଂଯୋଗୀକରଣ, ବିଦ୍ୟୁତିକରଣ, ସ୍ୱଚ୍ଛ ଓ ନବୀକରଣ ଶକ୍ତିର ପ୍ରୋତ୍ସାହନ ଏବଂ ଚିରସ୍ଥାୟୀ ଜୀବିକା ସୁଯୋଗ ଭଳି ସେବାଗୁଡ଼ିକ ଏହି ମିଶନରେ ଉପଲବ୍ଧ। ହୋଇପାରିବ। ଉକ୍ତ ଯୋଜନାରେ କେନ୍ଦୁଝର ଜିଲ୍ଲାର ୧୩ ଗୋଟି ବ୍ଲକର ୮୦୭ ଗୋଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଗତ ୨୦୨୪ ମସିହା ନଭେମ୍ବର ୧୫ତାରିଖରେ ଜିଲ୍ଲାସ୍ତରୀୟ ଜନାଜାତୀୟ ଗୌରବ ଦିବସ କେନ୍ଦୁଝରଠାରେ ଅନୁଷ୍ଠିତ ହୋଇଥିଲା, ଏଥିରେ ପ୍ରାୟ ୫୦୦୦ ଜନଜାତି ବର୍ଗର ଲୋକଙ୍କ ସହ ଜନପ୍ରତିନିଧି ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ଗ୍ରାମ୍ୟ ସ୍ତରରୁ ବ୍ଲକସ୍ତର ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ ବ୍ୟାପକ ସୂଚନା-ଶିକ୍ଷା-ଯୋଗାଯୋଗ ଅଭିଯାନକୁ ଜିଲ୍ଲାପାଳ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ପୁନମ ରାଉତ, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ଜନଜାତି ବର୍ଗର ବ୍ୟକ୍ତିଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସ୍ୱାଭିମାନ ସହକାରେ ବଞ୍ଚିବା ପାଇଁ ସହାୟକ ହେଇପାରିଛି ବୋଲି କହିଛନ୍ତି। ଆହୁରିମଧ୍ୟ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ମୌଳିକ ସୁବିଧା ସୁଯୋଗ ପାଇବା ସହିତ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ସୁଧାର ପରିଲକ୍ଷିତ ହେଉଛି ଏବଂ ଏହି ଅଭିଯାନକୁ ଆଗକୁ ଆହୁରି ବ୍ୟାପକ ଭାବେ ପ୍ରଭାବୀ ଢଙ୍ଗରେ ପ୍ରଚାର ପ୍ରସାର କରାଯାଇ ଅଧିକ ଲୋକଙ୍କୁ ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦେଇଛନ୍ତି।

## ଅଘୋଷିତ ବିଦ୍ୟୁତ କାଟ୍‌କୁ ନେଇ ଏସଡିଓଙ୍କ ଅଫିସ ଘେରିଲେ ଲୋକେ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ସଇଁତଲା ବ୍ଲକ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁଙ୍କ ନେତୃତ୍ୱରେ ଶତାଧିକ ଲୋକ ବିଦ୍ୟୁତ୍ ବିଭାଗ ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥି ସହ ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଅଞ୍ଚଳରେ ଥିବା ବେଲଗାଁ ଗ୍ରୀଡ୍, କରମତଲା ଗ୍ରୀଡ୍ ଓ ସଇଁତଲା ଗ୍ରୀଡ୍‌ରୁ ବିନା କାରଣରେ ବାରମ୍ବାର ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ବିଦ୍ୟୁତ୍ କାଟ ହେଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ବୌଦ୍ଧ-ରାୟପୁର ଓ ବୌଦ୍ଧ-ବିଶାଖାପାଟଣା ରେଳ ପାଇଁ ଦାବି




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର-ସଂପ୍ରତି ଅଧୁରା ଖୋର୍ଦ୍ଧା-ବଲାଙ୍ଗିର ରେଳ ପଥରେ ବୌଦ୍ଧ ଓ ପୁରୁଣା କଟକ ପର୍ଯ୍ୟନ୍ତ ରେଳପଥର ସି.ଆର.ଏସ ଅନୁକୂଳ ରିପୋର୍ଟ ପରେ ପୂର୍ବତନ ରେଳବାଇ ତରଫରୁ ପୁରୁଣା କଟକ-ବୌଦ୍ଧ ରେଳଷ୍ଟେସନରୁ ସମ୍ବଲପୁର ଓ ଭୁବନେଶ୍ୱରକୁ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ ଚଳାଚଳ ପାଇଁ ରେଳବାଇ ବୋର୍ଡର ଅନୁମତି ମଗାଯାଇଛି। ଯାହାକି ଆସନ୍ତା ଜୁନ ୨୦ ତାରିଖ କିମ୍ବା ରଥଯାତ୍ରା ଅବସରରେ ଚାଲୁ କରିବାରେ ସମ୍ଭାବନା ଥିବାର ସୂତ୍ର ଜଣାପଡ଼ିଛି। ଅପର ପକ୍ଷରେ ବହୁ ପୂର୍ବରୁ ଖୋର୍ଦ୍ଧା ବଲାଙ୍ଗୀର ରେଳ ପଥ ନିର୍ମାଣ ଗଣ କ୍ରିୟାନୁଷ୍ଠାନ କମିଟି ତରଫରୁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳବାଇ ଡି.ଆର.ଏମ ସିନିୟର ଡି.ସି.ଏମ ସମ୍ବଲପୁର ଏବଂ ସର୍ବୋପରି ମହାମାନ୍ୟ ପ୍ରଧାନମନ୍ତ୍ରୀଙ୍କୁ ବୌଦ୍ଧ ଷ୍ଟେସନ ଉଦ୍‌ଘାଟନ ଅବସରରେ ବୌଦ୍ଧରୁ ରାୟପୁର ଓ ବିଶାଖାପାଟଣା ଭାୟା ଟିଟିଲାଗଡ଼ ନେଇ ଦୁଇଟି ଟ୍ରେନ ଦାବି ରହିଅଛି। କ୍ରିୟାନୁଷ୍ଠାନ କମିଟି ଅଧକ୍ଷ ଗୋବିନ୍ଦ ମହାରଣା ଦୃଢ ଦାବି କରିଛନ୍ତି ଯେ ରେଳଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୌଦ୍ଧରୁ ରାୟପୁର ଓ ବିଶାଖାପାଟଣା ୨ଟି ଦୃତଗାମୀ ଟ୍ରେନ ଚାଲୁ କରାଯାଉ।

## ଜଗତସିଂହପୁର ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ପ୍ରୟାସ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଓ ସଚେତନତା ପଦଯାତ୍ରା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ଉଦ୍‌ଘାଟନ କରାଯାଇଛି। ଏହି ସଚେତନତା ରଥଟିକୁ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଏବଂ ସମ୍ବିତ ରାଉତ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ରବିନାରାୟଣ ଜେଠୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଏଥିରେ ସଭାପତି, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ନିର୍ବାହୀ ଅଧିକାରୀ, ଜଗତସିଂହପୁର ମ୍ୟୁନିସପାଲିଟି, ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସହିତ ବାବା ଆନନ୍ଦ ରଞ୍ଜନ ଦାସ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଶିବନାରାୟଣ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ), ସ୍ମୃତିରେଖା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ), ଶାନ୍ତନୁ କୁମାର ବ୍ରହ୍ମା, ଅର୍ଚ୍ଚିତା ସାହୁ, ଦେବାଶିଷ ମିଶ୍ର ଓ ସୌମ୍ୟା ସ୍ମିତପ୍ରଜ୍ଞା, ସହକାରୀ ଶ୍ରମ ଅଧିକାରୀ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ, ପୌରପାଳିକା, ବାଣିଜ୍ୟ ସଂସ୍ଥା ଓ ଜନ ବହୁଳ ସ୍ଥାନ ଗୁଡିକରେ ସଚେତନତା ସୃଷ୍ଟି କରିବା ସହିତ ଜିଲ୍ଲାକୁ କିଭଳି ଶିଶୁ ଶ୍ରମିକ ମୁକ୍ତ କରାଯାଇପାରିବ ଏବଂ ଶିଶୁ ମାନନଙ୍କର ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିୟୋଜନରେ ଦଣ୍ଡବିଧାନ ନିମିତ ସାଧାରଣ ଜନମାନସରେ ସଚେତନତା କରାଯାଇଥିଲା।

## ବିଂଝାରପୁର ବ୍ଲକ୍‌ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିଂଝାରପୁର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୪୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୭ ଗୋଟି ଅଭିଯୋଗର ଶୁଣାଣି କରା ଯାଇଥିଲା। ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ , ବିଂଝାରପୁର, ହିତାଂଶୁ ଶେଖର ସାମଲ, ତହସିଲଦାର, ବିଂଝାରପୁର ସୁଧାଂଶୁ ଶେଖର ସାଓ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# ଅବିଭକ୍ତ କୋରାପୁଟ ଜିଲ୍ଲାରେ ହଜିଗଲାଣି ପାରମ୍ପରିକ ଧାନ ବିହନ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଅବିଭକ୍ତ କୋରାପୁଟ ଜିଲ୍ଲାରେ ଖରିଫ ଧାନ ଚାଷରେ ଆଉ ଦେଖିବାକୁ ମିଳୁନି ପାରମ୍ପରିକ ଧାନ ବିହନ। ଚାଷ କାର୍ଯ୍ୟରେ କୃଷି ବୈଜ୍ଞାନିକମାନଙ୍କ ପରାମର୍ଶ ଏବଂ ଉନ୍ନତମାନର ବିହନ ପ୍ରୟୋଗ କରି ଧାନ ଚାଷ କରିବାରେ ବ୍ୟସ୍ତ ରହୁଛନ୍ତି ଚାଷୀ। ଫଳରେ ପୁରାତନ ପ୍ରଣାଳୀରେ ଧାନ ଚାଷ ହେଉନଥିବାରୁ ଦେଶୀ ଧାନ ଚାଉଳର ନିଆରା ସ୍ୱାଦ ଲୋକମାନଙ୍କୁ ଆଉ ମିଳିପାରୁ ନାହିଁ। ଦିନ ଥିଲା ପାରମ୍ପରିକ ଭାବେ ବିହନକୁ ସାଇତି ରଖୁଥିଲେ ଚାଷୀ। ବର୍ଷ ପରେ ବର୍ଷ ସେହି ବିହନକୁ ଧାନ ଚାଷରେ ଲଗାଉଥିଲେ। ସେହି ଧାନରୁ ଉତ୍ପନ୍ନ ହେଉଥିବା ଚାଉଳର ବାସ୍ନା ଓ ସ୍ୱାଦ ଥିଲା ସ୍ୱତନ୍ତ୍ର। ବର୍ତ୍ତମାନ ଚାଷୀମାନେ ଅଧିକ ଅମଳକ୍ଷମ ଧାନ ଚାଷକୁ ଆପଣାଇ ନେଇଛନ୍ତି। ଚାଷରେ ଲାଭବାନ ହେବା ପାଇଁ ଅଧିକ ଉତ୍ପାଦନ ଆଶାରେ ପୁରୁଣା ପାରମ୍ପରିକ ଧାନ ବିହନକୁ ଚାଷୀମାନେ ଭୁଲିଗଲେଣି। ଫଳରେ ଯେତେ ଖୋଜିଲେ ବି ଏହି ଧାନ ବିହନ ଆଉ ମିଳିବା ସମ୍ଭବପର ହେଉନାହିଁ। ପାରମ୍ପରିକ ଭାବେ ଯେଉଁ ବିହନକୁ ନେଇ ଧାନ ଚାଷ କରାଯାଉଥିଲା ସେହି ବିହନଗୁଡ଼ିକର ନାମ ଥିଲା ସୀତା ଭୋଗ, ରାବେଣା, ହଳଦିଗୁଣ୍ଡି, ଠେଙ୍ଗା ବଉଳା, ସେବତୀ ଫୋଡ଼ା, ରଙ୍ଗଶୀଉଳି, ବୋଇତଳ ପଖିଆ, ଆଠ ଗଡ଼ିଆ, ତେର ନମ୍ବର, ସୁଭଦ୍ରା, ତେଣ୍ଡା ମାଗୁର, ୧୨୪୨, ୧୦୧୪,୧୦୧୮, ୧୦୩୦, କଳାଜିରା, ନାଲି ସରୁ ଚୁନା, କଳିଙ୍ଗ, ସୁଜାତା, ବର୍ଷା, କଳାଶ୍ରୀ ଭଳି ଅନେକ କିସମର ଧାନବିହନ ଅନ୍ତର୍ଭୁକ୍ତ ଥିଲା। ୨୫/୩୦ ବର୍ଷ ପୂର୍ବରୁ ଚାଷୀମାନେ ଏସବୁ ପ୍ରଜାତିର ଧାନ ବିହନକୁ ନେଇ ବହୁଳ ଭାବେ ଚାଷ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଏସବୁ ବିହନମାନଙ୍କ ମଧ୍ୟରେ ଅନେକ ବିହନ ଖାଲୁଆ ଜମିରେ ଅର୍ଥାତ୍ ଦୁଇ ତିନି ଫୁଟ୍ ପାଣି ରହୁଥିବା କ୍ଷେତରେ ମଧ୍ୟ ଚାଷ କରାଯାଇ ଧାନ ଅମଳ ହୋଇପାରୁଥିଲା। ବିଶେଷ କରି ସେତେବେଳର ଚାଷୀମାନେ ଖାଲୁଆ ଜମିରେ ରାବେଣା ଓ ତେଣ୍ଡାମାଗୁର ଧାନ ବିହନରେ ଚାଷ କରି ଭଲ ଅମଳ ପାଉଥିଲେ। ଏହି ଧାନରୁ ପ୍ରସ୍ତୁତ ହୋଇଥିବା ଚାଉଳ ମଧୁମେହ ରୋଗ ପାଇଁ ବେଶ ଉପକାରୀ ଥିଲା ବୋଲି କୁହାଯାଉଥିଲା। ସେଥିପାଇଁ ସ୍ୱାମୀନାଥନ୍



କମିଟି ପକ୍ଷରୁ ମଧ୍ୟ ତତ୍କାଳୀନ ସମୟରେ ଏହି ପାରମ୍ପରିକ ଧାନ ବିହନ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ଧାନ ଅମଳ ପରେ ଚାଷୀମାନେ ଏହାକୁ ସଫା କରି ଓଳିଆ ଭିତରେ ସାଇତି ରଖୁଥିଲେ। ଏହି ପାରମ୍ପାରିକ ଧାନବିହନ ଚାଷରେ କୌଣସି କୀଟନାଶକ ଔଷଧ କିମ୍ବା ରାସାୟନିକ ସାର ବ୍ୟବହାର କରାଯାଉନଥିଲା। ସେତେବେଳେ ଚାଷ ହେବା ପୂର୍ବରୁ କ୍ଷେତରେ ଧଣ୍ଡିଚା ମଞ୍ଜି ବୁଣାଯାଇ ଏହାର ଗଛ ବଡ଼ହେବା ପରେ ତାହାକୁ ପଚାଇ ମାଟିରେ ମିଶାଯାଉଥିବାରୁ ମାଟିର ଉର୍ବର ଶକ୍ତି ବୃଦ୍ଧି ପାଉଥିଲା ବେଳେ ଗୋବର ଖତ ମଧ୍ୟ ବହୁଳ ଭାବରେ ବ୍ୟବହାର କରାଯାଉଥିଲା। ଏଭଳି ଧାନରେ ପ୍ରସ୍ତୁତି ଚାଉଳକୁ ଖାଇ ଲୋକମାନେ ସୁସ୍ଥ, ସବଳ ଓ ନିରୋଗ ରହୁଥିଲେ, ହେଲେ ବର୍ତ୍ତମାନ ଚାଷୀମାନେ ଅଧିକ ଅମଳକ୍ଷମ ଧାନ ଚାଷ ପାଇଁ ଏସବୁ ପାରମ୍ପାରିକ ବିହନ ଛାଡ଼ି ହାଇବ୍ରିଡ୍ ଜାତୀୟ ଧାନବିହନ ସ୍ୱର୍ଣ୍ଣ, ପୂଜା, କଳାଚମ୍ପା, ପାରିଜାତ, ଶାରଳା, ସ୍ୱର୍ଣ୍ଣ ସବ-୧, ସିଆର ୧୦୧୮, ଏନପିୟୁ ୭୦୨୯ ଆଦି ବିଭିନ୍ନ କିସମର ଧାନ ବିହନକୁ ଚାଷ କାର୍ଯ୍ୟ ପାଇଁ ଆପଣେଇଛନ୍ତି। ଏଭଳି ଧାନ ଚାଷରେ ପର୍ଯ୍ୟାପ୍ତ ପରିମାଣରେ ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ କରାଯାଉଥିବାରୁ ଏହା ଶରୀର ପାଇଁ କ୍ଷତିକାରକ ହୋଇ ବିଭିନ୍ନ ରୋଗ ସୃଷ୍ଟି କରୁଛି। ପୁରୁଣା ଧାନରୁ ହେଉଥିବା ଚାଉଳର ଭାତରେ ଯେଉଁ ସ୍ୱାଦ ରହିଥିଲା ତାହା ମଧ୍ୟ ଏହି ଚାଉଳରୁ ମିଳିପାରୁନାହିଁ। ପୁରୁଣା ଧାନ କିସମର ରୋଗ ପୋକ, ବର୍ଷା ଓ ମରୁଡ଼ି ସହଣୀୟ କ୍ଷମତା ରହିଥିଲା ଯେ କି ୧୫ ଦିନ ପର୍ଯ୍ୟନ୍ତ ଧାନ ଗଛ ପାଣିରେ ବୁଡ଼ି ରହୁଥିଲେ ବି ତାହାର ବିଶେଷ କ୍ଷତି ହେଉନଥିଲା। ବର୍ତ୍ତମାନର ବିହନରେ ହେଉଥିବା ଧାନ ଗଛଗୁଡ଼ିକ ୩/୪ ଦିନ ପାଣିରେ ବୁଡ଼ିରେ ରହିଲେ ଗଛର ବହୁ କ୍ଷତି ହୋଇଥାଏ। ପାରମ୍ପରିକ ବିହନରେ ଏକର ପିଛା ୭/୮ କ୍ୱିଣ୍ଟାଲ ଧାନ ଅମଳ ହେଉଥିବା ବେଳେ ବର୍ତ୍ତମାନର ବିହନରେ ଏକର ପିଛା ୨୦ ରୁ ୨୫ କ୍ୱିଣ୍ଟାଲ ଧାନ ଅମଳ ହେଉଛି। ତେଣୁ ଚାଷୀମାନେ ଅଧିକ ଅମଳକ୍ଷମ ଧାନ ବିହନ ଉପରେ ଗୁରୁତ୍ୱ ଦେଇ ବେଶ ଲାଭବାନ୍ ହେଉଥିଲା ବେଳେ ଏହି ଧାନ ଚାଉଳରୁ ପ୍ରସ୍ତୁତ ଭାତ ଶରୀର ପାଇଁ ହିତସାଧନ ହୋଇପାରୁନାହିଁ ବୋଲି କୃଷି ବୈଜ୍ଞାନିକମାନେ ମତ ଦେଇଥାନ୍ତି। ଅପରପକ୍ଷରେ କଟକ ବିଦ୍ୟାଧରପୁର କୃଷି ଧାନ ଗବେଷଣା କେନ୍ଦ୍ରରେ ଅନେକ ପ୍ରକାର ପୁରୁଣା ପାରମ୍ପରିକ କିସମର ବିହନ ସଂରକ୍ଷିତ ରଖାଯାଇଛି। ସେହି ସବୁ ବିହନକୁ ପରୀକ୍ଷା ନିରୀକ୍ଷା କରାଯାଇ ନୂତନ କିସମର ପ୍ରତିରୋଧକ୍ଷମ ଜିନ୍ ପ୍ରୟୋଗ କରାଯାଇ ନୂଆ ବିହନ ସୃଷ୍ଟି କରାଯାଉଥିବା ଜଣାଯାଇଛି। କୃଷି ବିଭାଗ ପକ୍ଷରୁ ସଚେତନତା ଯୋଗୁଁ ଚାଷୀମାନେ ଏଭଳି ବିହନକୁ ନେଇ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଜଣାଯାଇଛି। ପାରମ୍ପରିକ ଧାନକୁ ମଧ୍ୟ ବଞ୍ଚେଇ ରଖିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ମାଡୁଛି କରୋନା ଓ ଜଣ୍ଡିସ୍

ମାଡ଼ି ଚାଲିଛି ଝାଡ଼ାବାନ୍ତି। ଜିଲ୍ଲା ପରେ ଜିଲ୍ଲାକୁ ଡେଇଁବାରେ ଲାଗିଛି। ହଇଜା ଭୂତାଣୁ ଠାବ ହେଲାଣି ବିଭିନ୍ନ ଜିଲ୍ଲାରୁ। ଏପଟେ କରୋନା, ଜଣ୍ଡିସ୍ ଭୟ ବି ଘାରିଛି। ଏଭଳି ସ୍ଥିତିରେ ଆଉ ଦିନ କେଇଟା ପରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା। ଲକ୍ଷଲକ୍ଷ ଶ୍ରଦ୍ଧାଳୁ ରାଜ୍ୟର କୋଣ ଅନୁକୋଣ ସହ ଦେଶ ବିଦେଶରୁ ଛୁଟି ଆସିବେ ପୁରୀକୁ । ଲୋକାରଣ୍ୟ ହେବ ପୁରୀ ସହର। ତେଣୁ ଏବେଠାରୁ ଛାତିରେ ଛନକା ପଶିଲାଣି । ଯଦି ରଥଯାତ୍ରା ସମୟରେ ପୁରୀରେ ଝାଡ଼ାବାନ୍ତି ବ୍ୟାପିଲା କିମ୍ବା ହଇଜା ମାଡ଼ିଲା... ତେବେ କ'ଣ ହେବ ? ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇପାରେ। ସରକାରୀ ରିପୋର୍ଟ ଅନୁସାରେ, ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ଭଦ୍ରକ ଓ କଟକରେ ଝାଡ଼ାବାନ୍ତି ବ୍ୟାପିଛି । ୪୨୯ ଜଣ ନୂଆ ରୋଗୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମାତ୍ର ବେସରକାରୀ ତଥ୍ୟ ଅନୁସାରେ ୯ ଜିଲ୍ଲାକୁ ଝାଡ଼ାବାନ୍ତି ବ୍ୟାପିଛି। ମୁଖ୍ୟତଃ ଦୂଷିତ ପାଣି ଓ ନିମ୍ନମାନର ଖାଦ୍ୟ ହିଁ ଏହାର କାରଣ ବୋଲି କୁହାଯାଉଛି। ବିଶେଷଜ୍ଞ ଟିମ୍ ଏ ଜିଲ୍ଲାରୁ ସେ ଜିଲ୍ଲାକୁ ଯାଇ ନିତି ତନାଘନା କରୁଛନ୍ତି । ହେଲେ ବର୍ଷା ଦିନ ଆରମ୍ଭ ହୋଇଥିବାରୁ ସ୍ଥିତି ନିୟନ୍ତ୍ରଣକୁ ଆସିବା ଏତେ ସହଜ ହେଉନି। ଏଭଳି ସମୟରେ ପୁରୀରେ ରଥଯାତ୍ରା ଆୟୋଜନ ସରକାର ଓ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି।

ରଥଯାତ୍ରା ସମୟରେ ପୁରୀକୁ ଝାଡ଼ାବାନ୍ତି ସଂକ୍ରମିତ ଅଞ୍ଚଳ ସହ ପ୍ରତି ଜିଲ୍ଲାରୁ ଲୋକେ ଆସିବେ। ବଡ଼ଦାଣ୍ଡରୁ ନେଇ ସମୁଦ୍ରକୂଳ ଓ ଗଳିକନ୍ଦିରେ ଭଳିକି ଭଳି ଖାଦ୍ୟ ପସରା ସହ ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ଲାଗିବ। ତେବେ ଏ ଖାଦ୍ୟ କେତେ ସୁରକ୍ଷିତ, ସ୍ୱଚ୍ଛ, ତାହାର ମାନ ଯାଞ୍ଚ କରିବା ସ୍ୱାସ୍ଥ୍ୟ ବିଭାଗ ଏବଂ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ପାଇଁ ବଡ଼ ଆହ୍ୱାନ ହେବ। ରଥଯାତ୍ରା ସମୟରେ ଭୀଷଣ ଗରମକୁ ଲକ୍ଷ୍ୟ କରି ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ, ସରବତ୍, ମୃଦୁ ପାନୀୟ, ଦହି ପାଣି, ଟଙ୍କ ତୋରାଣି ବ୍ୟବସ୍ଥା ବି କରାଯାଏ । ଏହି ପାଣିର ମାନ ଯଦି ବିଶୁଦ୍ଧ ହୋଇନଥିବ, ସ୍ଥିତି ବିଗାଡ଼ିପାରେ । ଭିଡ଼କୁ ଦେଖି ହୋଟେଲ, ଫାଷ୍ଟଫୁଡ୍, ଜଳଖିଆ ଦୋକାନ ଓ ରାସ୍ତାପାର୍ଶ୍ୱ ବୁଲା ବିକାଳିଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ, ଟା' ମଧ୍ୟ ଝାଡ଼ାବାନ୍ତି, ହଇଜା ଓ ଜଣ୍ଡିସ ଭଳି ରୋଗକୁ ଡାକି ଆଣିପାରେ। ଯଦି ଥରେ ଏଭଳି କିଛି ସଂକ୍ରମଣ ବ୍ୟାପିବ, ନିୟନ୍ତ୍ରଣକୁ ଆଣିବା କଷ୍ଟକର ହୋଇପଡ଼ିବ । ଟା' ଛଡ଼ା ବାସି ଓ ନିମ୍ନମାନର ଖାଦ୍ୟ ଉପରେ କିଭଳି କଡ଼ା ନଜର ରଖିହେବ ତାହା ଜନସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଲାଣି।

କେବଳ ପୁରୀ ସହର ନୁହେଁ, ଭୁବନେଶ୍ୱରରୁ ପୁରୀ ଯିବାବେଳେ ରାସ୍ତାପାର୍ଶ୍ୱ ହୋଟେଲ, ରେସ୍ତୋରାଁ, ଜଳଖିଆ ଦୋକାନ, ଟା' ଦୋକାନ ଏବଂ ଉଠାଦୋକାନରେ ପ୍ରସ୍ତୁତ ଖାଦ୍ୟ ଓ ପାନୀୟ ଜଳ ମଧ୍ୟ ବିଭିନ୍ନ ସଂକ୍ରମିତ ରୋଗର କାରଣ ହୋଇପାରେ । ବହୁ କମ୍ପାନି ଶସ୍ତାରେ ବଜାରକୁ ପାଣି ବୋତଲ ଛାଡ଼ିଛନ୍ତି। ଅଧିକାଂଶ କମ୍ପାନିର ପାଣି ବିଶୁଦ୍ଧ ନଥିବାବେଳେ କେବଳ ଷ୍ଟିକର ମାରି ବଜାରକୁ ଛଡ଼ାଯାଇଛି । ଏଭଳି ନିମ୍ନମାନର ପାଣି ପିଇଲେ ମଧ୍ୟ ସଂକ୍ରମଣ ବ୍ୟାପିପାରେ । ଖାଲି ସେତିକି ନୁହେଁ, କରୋନା ଉପରେ ବି ନଜର ଦେବାକୁ ହେବ । ସଂକ୍ରମଣ ବ୍ୟାପିଲେ ଆଗକୁ ସ୍ଥିତି ବିଗିଡ଼ିପାରେ । ଜ୍ୱର, ଥଣ୍ଡା, ଝାଡ଼ା ଲକ୍ଷଣ ଥିବା ଲୋକେ ରଥଯାତ୍ରା ସମୟରେ ପୁରୀ ଆସିଲେ ସ୍ଥିତି ବିଗିଡ଼ିପାରେ । ଏନେଇ ରାଜ୍ୟ ସରକାରଙ୍କୁ ମଧ୍ୟ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ହେବ । ସବୁଦିଗକୁ ଧାନରେ ରଖି ସରକାର ସତର୍କତାମୂଳକ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି ।

# ଜଗନ୍ନାଥ ସଂସ୍କୃତିରେ ଅଣସର ଓ ପଟ୍ଟିଦିଅଁ ଉପାସନା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ସ୍ନାନ ପୂର୍ଣ୍ଣିମା ରାତିରେ ଶ୍ରୀଜୀଉ ମାନେ ସ୍ନାନ ବେଦୀରୁ ଅଣସରକୁ ଗଲା ପରେ ଅଣସର ପିଣ୍ଡିରେ ଦଇତା ମାନେ ତାଙ୍କ ଶ୍ରୀମୁଖରେ ଲାଗି ହୋଇଥିବା ରାହୁରେଖା ଓ ଚିତା ବାହାର କରି ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରିଥାନ୍ତି। ଜଗମୋହନ ଏକ ବାଉଁଶ ତାଟି ଦ୍ୱାରା ୨ ଭାଗରେ ବିଭକ୍ତ ହୋଇଯାଇଥାଏ। ଭିତର ପଟ ଭାଗରେ ଦାରୁ ବିଗ୍ରହ ରୁହନ୍ତି ଓ ବାହାର ଭାଗରେ ଏକ ଖଟ ରଖା ଯାଇଥାଏ। ମହାଜନ ସେବକ ଦକ୍ଷିଣଘରୁ ସାତ ମୂର୍ତ୍ତି ଯଥା ବାଡ଼ି ନୃସିଂହ, ରାମ କୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଦୋଳଗୋବିନ୍ଦ, ମଦନମୋହନଙ୍କୁ ଉକ୍ତ ଖଟ ଉପରକୁ ବିଜେ କରନ୍ତି। ଏହାପୂର୍ବରୁ ଚିତ୍ରକାର ଗୃହରୁ ୩ଗୋଟି ପଟ୍ଟି ଦିଅଁ ଯଥା ବାସୁଦେବ, ଭୁବନେଶ୍ୱରୀ ଏବଂ ନାରାୟଣ ଘଣ୍ଟ, ଛତ୍ର, କାହାଳୀରେ ଆସି ଜୟ ବିଜୟ ଦ୍ୱାରରେ ରଖା ଯାଇଥାନ୍ତି। ତତ୍ପରେ ତିନି ପଟ୍ଟିଦିଅଁ ତିନି ବାଡ଼ରେ ରୁନ୍ଧା ହୁଅନ୍ତି। ବଡ଼ବାଡ଼ରେ ବାସୁଦେବ ପଟ୍ଟି ସାମ୍ନାରେ ରାମ, କୃଷ୍ଣ ଓ ବାଡ଼ି ନୃସିଂହ, ମଝି ବାଡ଼ରେ ଭୁବନେଶ୍ୱରୀ ପଟ୍ଟି ସାମ୍ନାରେ ଶ୍ରୀଦେବୀ ଏବଂ ଭୂଦେବୀ, ମହାପ୍ରଭୁଙ୍କ ବାଡ଼ରେ ନାରାୟଣ ପଟ୍ଟି ସାମ୍ନାରେ ଦୋଳଗୋବିନ୍ଦ ଏବଂ ମଦନମୋହନ ବିଜେ କରିଥାନ୍ତି। ଏହାପରେ ପୂଜାପଣ୍ଡା ସାମନ୍ତ ଦିଅଁମାନଙ୍କ ପଞ୍ଚାମୃତ ସ୍ନାନ ବଢ଼ାଇଥାନ୍ତି। ଏହି ଠାକୁରଙ୍କୁ ବଲ୍ଲଭ ସର୍ପା ମଣୋହି କରାଯାଇଥାଏ , ସମସ୍ତ ଦୈନିକ ନୀତି ଓ ଭୋଗ ହୋଇଥାଏ। ଏହି ସମୟରେ ଅନ୍ୟଦିନ ପରି ଧୂପରେ ମଇଲମ ହୋଇନଥାଏ। ପଟି ଦିଅଁ ଏବଂ ସେଠାରେ ଥିବା ଚଳନ୍ତି ବିଗ୍ରହଙ୍କ ରାତ୍ର ବଡ଼ସିଂହାର ଭୋଗ ପରେ ଓ ପହୁଡ଼ ପୂର୍ବରୁ ଅଣସରରେ ଥିବା ଦାରୁଦିଅଁଙ୍କ ପାଖେ ଚକଟା ଭୋଗ ହୋଇଥାଏ।

ଦାରୁରୂପୀ ଜଗସ୍ୱାମୀ ପଟେ ବିଶ୍ରମ୍ୟ ଚ ପ୍ରଭୁଃ।
ତିଷ୍ଠତ୍ୟତ୍ର ନ ସନ୍ଦେହଃ ନାସ୍ତି ନାସ୍ତି ନୃପୋତ୍ତମ ?
କୁର୍ଯ୍ୟାଚ୍ଚ ନ୍ନରକେ ଘୋରେ ପଚ୍ୟତେ ମୂଢ଼ଧୀର୍ନରଃ ।
ଏବଂ ପଞ୍ଚଦଶାହ୍ନେଷ୍ଣୁ ପଟ୍ଟବ୍ରହ୍ମାର୍ଚ୍ଚନଂ ଚରେତ୍ ?

ଅଣସର ପ୍ରଥମ ଚାରିଦିନରେ କରାଳ କର୍ମ ହୋଇଥାଏ। ଏଥିରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଫିଟା ନୀତି ହୋଇ କରାଳ ଚନ୍ଦନ ବାହାର କରାଯାଏ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ବିଗ୍ରହରେ ବିଭିନ୍ନ ଲେପ ସହ ପୁନଃନିର୍ମାଣ ଆରମ୍ଭ ହୁଏ। ଯାହାକୁ ଲୋକ ଭାଷାରେ ଉପଚାର ଆରମ୍ଭ କହନ୍ତି। ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି ହେବ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ବଡ଼ଓଡ଼ିଆ ମଠ ଏହି ତେଲକୁ ପ୍ରସ୍ତୁତ କରିଥିବାବେଳେ ଆଜି ଶୋଭାଯାତ୍ରା ସହକାରେ ଶ୍ରୀମନ୍ଦିରକୁ ଫୁଲୁରୀ ତେଲକୁ ନିଆଯିବାର ପରମ୍ପରା ରହିଛି ବୈଦ୍ୟଙ୍କ ପରାମର୍ଶକ୍ରମେ ଅଣସର ପିଣ୍ଡିରେ ଶ୍ରୀଜୀଉଙ୍କୁ ଏହି ଫୁଲୁରୀ ତେଲର ଚିକିତ୍ସା ସେବା ଯୋଗାଇ ଦିଆଯିବ ବଡ଼ଓଡ଼ିଆ ମଠ ପ୍ରତିବର୍ଷ ଅଣସରରେ ୬ ସେର ଫୁଲୁରୀ ତେଲ ଯୋଗାଯାଇଥାଏ କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଦିଆ ଯାଇଥାଏ । ଫୁଲୁରୀ ତେଲ ସ୍ୱତନ୍ତ୍ର ପ୍ରଣାଳୀରେ ପ୍ରସ୍ତୁତ ହୋଇଥାଏ ହେରାପଞ୍ଚମୀ ତିଥିରେ ତିନୋଟି ତିନି ସେରିଆ ମାଟି ଘଡ଼ିର ଆବଶ୍ୟକତା ରହିଥାଏ ତିନି ଘଡ଼ିରେ ଘଣା ପେଡ଼ା ରାଶି ତେଲ ସହିତ କୃଷ୍ଣଭୋଗ ଧାନ, ବେଣା ଚେର, ଚନ୍ଦନ କାଠ, କେତକୀ, ଚମ୍ପା, ବଉଳ, ମାଳତୀ, ମଲ୍ଲୀ, ଜୁଇ, ଜାଇ ଆଦି ଫୁଲର ମିଶ୍ରଣ, ଶାଳ ପର୍ଣ୍ଣ, ଗମ୍ଭାରୀ, ଲବାଙ୍ଗ କୁଳି, ଫଣଫଣା, କୃଷ୍ଣ ପର୍ଣ୍ଣ, ବେଲ, ଖଣି ବଥୁ, ପଟଳି, ଖୁଆ, ଅଙ୍କରାନ୍ତି, ଗୋଖରା, ଲମ୍ବାଗୋଡ଼ି, ଦେଶୀ ଘିଅ, ମହୁ, ନବାତ, ଖୁଆସର ଅଦିକୁ ମିଶାଇ ଏକ ବର୍ଷ ପର୍ଯ୍ୟନ୍ତ ମାଟି ତଳେ ପୋତା ହୋଇ ରଖାଯାଇଥାଏ ଯାହାକୁ ଫୁଲରୀ ତେଲ ବୋଲି କୁହାଯାଇଥାଏ । ବର୍ଷକ ପରେ ଘୁମାରେ ଥିବା ତେଲକୁ ମାଟି ତଳୁ କଢ଼ା ଯାଇଥାଏ ଏବଂ ଏହି ଫୁଲରୀ ତେଲ ମାଲିସ ପରେ ଶ୍ରୀଜୀଉ କିଛି ଅଂଶରେ ସୁସ୍ଥ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଏ। ପତି ମହାପାତ୍ର ସେବକ ୩ଟି ରୂପା ପିଙ୍ଗଣରେ ଫୁଲୁରୀ ତେଲ ନେଇ ସଂସ୍କାର କରିବା ପରେ ଏହି ତେଲକୁ ଦଇତାପତି ସେବକ ମାନେ ଚତୁର୍ଦ୍ଧା ବିଗ୍ରହଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥାନ୍ତି ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହି ତେଲ ପ୍ରସ୍ତୁତ ମହୌଷଧି ଲାଗି ହେବା ପରେ ମହାପ୍ରଭୁ ସୁସ୍ଥ ହେବେ ଏବଂ ନବଯୌବନ ପ୍ରାପ୍ତି ହେବେ ।

ଆସନ୍ତୁ ଏହି ଅବସରରେ ପ୍ରଭୁ ଅଲାରନାଥଙ୍କ କଥା ଆଲୋଚନା କରିବା । ମହାପ୍ରଭୁ ଅଣସର ଘରେ ଗୁପ୍ତ ସେବାରେ ଥିବା ସମୟରେ ବ୍ରହ୍ମଗିରିର ଅଲାରନାଥଙ୍କୁ ଦର୍ଶନ କରାଯାଏ । ଅଲାରନାଥ ଏଠାରେ ଶଂଖ, ଚକ୍ର, ଗଦା ଧରି ଦେବ ନାରାୟଣ ରୂପରେ ଦର୍ଶନ ଦିଅନ୍ତି ଦର୍ଶନ ଦିଅନ୍ତି । ତାଙ୍କର ଦୁଇ ପାର୍ଶ୍ୱରେ ଭୂଦେବୀ ଓ ଶ୍ରୀଦେବୀ ବିରାଜମାନ ଅଛନ୍ତି । ଠାକୁରଙ୍କ ନିକଟରେ ଛପନ ଭୋଗ ଲାଗିଲେ ମଧ୍ୟ ସବୁଠାରୁ ପ୍ରିୟ ଭୋଗ ହେଉଛି କ୍ଷୀରିଭୋଗ। କିମ୍ବଦନ୍ତୀ ରହିଛି ଯେ ଏହି ଗରମ ଖିରିଭୋଗ ଖାଇ ଠାକୁରଙ୍କ ଛାତି ଓ ପାଟିରେ ଫୋଟକା ହୋଇଯାଇଛି ଯାହା ଏବେବି ବିଗ୍ରହରେ ଚିହ୍ନ ଦେଖାଯାଏ।

ଶ୍ରୀ କେତନର ୬-୭ ବର୍ଷର ପୁଅ ଠାକୁରଙ୍କୁ ଗରମ ଖିରି ଭୋଗ ଲଗାଇ କହିଲା –

ଆସ ଅଲାରେ ଖାଅ ଖିରି
ବାପା ଯାଇଛନ୍ତି ଭିକ୍ଷା କରି
ମତେ ନ ଆସେ ସେବା କରି ।

ପିଲାଟିର ଏଭଳି କଥା ଶୁଣି ସିଂହାସନ ଛାଡ଼ି ତଳକୁ ଓହ୍ଲାଇ ଗରମ୍ ଖିରି ଖାଇ ଦେଇଥିଲେ । ଶ୍ରୀ ଅଲାରନାଥଙ୍କ ଖିରି ଭୋଗ ସହିତ ଜଡ଼ିତ ଏପରି ଲୋକକଥା ଅଛି। ଥରେ ମନ୍ଦିରର ଜଣେ ସେବକ କୌଣସି କାରଣରୁ ଅନ୍ୟ କୌଣସି ଗ୍ରାମକୁ ଚାଲିଯାଇଥିଲେ। ଯିବା ପୂର୍ବରୁ ସେ ତାଙ୍କ ପିଲା ପୁଅକୁ ଶ୍ରୀ ଅଲାରନାଥଙ୍କୁ ଭୋଗ ଅର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବାଳକଟି ଭୋଗ ନୈବେଦ୍ୟ ଅର୍ପଣ କରିବାର ପୂଜା ବିଧି ବିଷୟରେ ଅଜ୍ଞ ଥିଲା ଏବଂ ତାଙ୍କର ପିଲାଦିନର ଏବଂ ସମର୍ପିତ ମନ ଯୋଗୁଁ ସେ ଆଖି ବନ୍ଦ କରି ଭଗବାନଙ୍କୁ ପ୍ରାର୍ଥନା କଲେ । ଯେତେବେଳେ ସେ ଆଖି ଖୋଲିଲେ ସେ ଦେଖିଲେ ଯେ ଖୀରି ପାତ୍ରଟି ଖାଲି ଥିଲା। ଖାଲି ପାତ୍ରଟିକୁ ଧରି ପୁଅଟି ଘରକୁ ଫେରି ଆସିଲା। କିନ୍ତୁ ତାଙ୍କ ମାଆ ତାଙ୍କ ଆଖିରେ ବିଶ୍ୱାସ କରିପାରିଲେ ନାହିଁ ଯେ ଦେବତା ଖିରି ଖାଇଛନ୍ତି। ସେ ଭାବିଲେ ଯେ ଏକ ବିଲେଇ ଭୋଗ ଖାଇଥିବ ଏବଂ ଏହାକୁ ଅଶୁଭ ମନେ କରି ପରଦିନ ସେ ଚତୁରତାର ସହିତ ଦେବତାଙ୍କ ପ୍ରତିମା ପଛରେ ଠିଆ ହୋଇଥିଲେ ଯେ ଦେବତା ପ୍ରକୃତରେ ଖିରି ଖାଇଛନ୍ତି କି ନାହିଁ। ଯେତେବେଳେ ବାଳକଟି ଦେବତାଙ୍କ ପାଖକୁ ଆସି ପୂର୍ବ ପରି ଭୋଗ ଅର୍ପଣ କଲେ, ଶ୍ରୀ ଅଲାରନାଥ ନଇଁ ପଡ଼ି ଭୋଗ ଖାଇବା ଆରମ୍ଭ କଲେ। ଏହା ଦେଖି ମହିଳା ଜଣକ ଭୟଭୀତ ହୋଇଗଲେ ଏବଂ ଭୟରେ ସେ ଚିତ୍କାର କରିବାକୁ ଲାଗିଲେ ଏବଂ ଗରମ ଖିରି ଦେବତାଙ୍କ ଅଙ୍ଗ ଉପରେ ପଡ଼ି ତାଙ୍କ ଚର୍ମରେ ପୋଡ଼ାଜଳା ସୃଷ୍ଟି କଲା..। ଦେବତାଙ୍କ ଛାତି ଏବଂ ଅଙ୍ଗରେ ଏବେ ବି ଏହାର ଚିହ୍ନ ଦେଖାଯାଏ ଯାହା ସେବକମାନେ ସ୍ପଷ୍ଟ ଭାବରେ ଚିହ୍ନିପାରିବେ। ସ୍ଥାନୀୟ ଲୋକଙ୍କ ମତରେ, ଶ୍ରୀ ଅଲାରନାଥଙ୍କୁ ଖିରିଭୋଗ ବହୁତ ଭଲ ଲାଗେ କାରଣ ସେ ନିଜେ ଏହାକୁ ସେବନ କରନ୍ତି ଏବଂ ଏହା ଶ୍ରୀ ଅଲାରନାଥଙ୍କ ଖିରିଭୋଗ ସମଗ୍ର ଭାରତରେ ପ୍ରସିଦ୍ଧ ଅଟେ।

ଅଣସର ବା ଅନବସର ସମୟରେ, ଶ୍ରୀଜଗନ୍ନାଥଙ୍କ ବାଡ଼ରେ ପ୍ରତିନିଧି ସ୍ୱରୂପ ଶ୍ରୀ ଅନନ୍ତ ନାରାୟଣ ପଟ୍ଟିଦିଅଁ ରୂପେ ପୂଜା ପାଆନ୍ତି। ତାଙ୍କର ଶରୀର କୃଷ୍ଣବର୍ଣ୍ଣ । ସେ ଚୁତୁର୍ଭୁଜ ତଥା ପଦ୍ମାସନସ୍ଥ । ଶ୍ରୀ ଅନନ୍ତ ନାରାୟଣ ସ୍କନ୍ଧ ପ୍ରଦେଶର ବିକଶିତ ଚତୁର୍ଭୁଜ ବଳିଆର ତଥା ସଦୃଢ଼ ପରିଦୃଶ୍ୟ ହୁଏ ଏବଂ ତାହା ଉତ୍ତମ ରୂପେ ଚିତ୍ରିତ ହୋଇଅଛି । ନାସିକା, ପାଟି ତଥା ଥୋଡ଼ ଅତ୍ୟନ୍ତ ସ୍ପଷ୍ଟ ପରିଦୃଷ୍ଟ ହେଉଥିବା ବେଳେ ଶୁକ୍ଳ ବର୍ଣ୍ଣର ଦାଢ଼ି ତଥା ନିଶ ବହ୍ନିର ଶିଖା ତୁଲ୍ୟ ଉତ୍ତୁଙ୍ଗ ପ୍ରତୀୟମାନ ହୁଏ । ଭାଲପଟରେ ଥିବା ଚିତା ମଧ୍ୟରେ ରକ୍ତ ବର୍ଣ୍ଣର ଏକ ବିନ୍ଦୁ ପରିଦୃଷ୍ଟ ହେଉ ଥିବାବେଳେ ଏହି ଚିତା ନାସିକାର ମୂଳ ପର୍ଯ୍ୟନ୍ତ ଲମ୍ବି ଅଛି । ତାଙ୍କ କର୍ଣ୍ଣ ଦ୍ୱୟ ମକର କୁଣ୍ଡଳ ଦ୍ୱାରା ଶୋଭିତ । ଉନ୍ନତ ବପୁ ତଥା ବିବିଧ ଅଳଙ୍କାର ତଥା ମାଣିକ୍ୟ ମଣ୍ଡିତ ନାରାୟଣଙ୍କ ସ୍କନ୍ଧ ଠାରୁ କଟି ଦେଶ ପର୍ଯ୍ୟନ୍ତ ଯଜ୍ଞୋପବୀତ ଲମ୍ବି ଅଛି ଯାହାକି ତାଙ୍କର କଟିରେ ଲାଗି ହୋଇଥିବା ଅଣ୍ଟା ପଟ୍ଟିରେ ମିଳିତ ହୋଇଅଛି । ଦିବ୍ୟ ପୀତ ବସନ ତ୍ରିକଚ୍ଛ ଶୈଳୀରେ ପରିଧାନ ପୂର୍ବକ ତାଙ୍କର ପଦ ଦ୍ୱୟ ତଥା ହସ୍ତ ଚତୁଷ୍ଟୟରେ ସୁବର୍ଣ୍ଣ ବଳାମାନ ଶୋଭା ପାଉ ଥିବା ବେଳେ ବପୁ ପ୍ରଦେଶ ତଥା ବାହୁ ଗୁଡ଼ିକରେ ଚିତା ଅଙ୍କିତ ହୋଇଅଛି । ବପୁ ଦେଶରେ ଶ୍ରୀବତ୍ସଙ୍କର ରକ୍ତାଭ ପଦଚିହ୍ନ ଶୋଭାୟମାନ ହେଉଛି ।ଗଳାରେ କମଳ ପୁଷ୍ପର ବନମାଳ, ସବୁଜ ବର୍ଣ୍ଣର କେଶୋରାଜି ଉଡ୍ଡୀୟମାନ ଅବସ୍ଥାରେ ତଥା ମସ୍ତକୋପରିସ୍ଥ ବର୍ଣ୍ଣାଢ୍ୟ କିରୀଟି ଅତ୍ୟନ୍ତ ସୌନ୍ଦର୍ଯ୍ୟମୟ ପ୍ରତୀତ ହୁଏ । ନାରାୟଣଙ୍କ ଉଭୟ ପାର୍ଶ୍ୱରେ ସପ୍ତଋଷି ପ୍ରଣତ ମୁଦ୍ରାରେ ଦଣ୍ଡାୟମାନ । ତାଙ୍କ ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରମୁଖ ଚଳନ୍ତି ବିଗ୍ରହ ଶ୍ରୀ ଦୋଳଗୋବିନ୍ଦ ଓ ଶ୍ରୀ ମଦନମୋହନ ବିଜେ କରିଥାନ୍ତି । ସେ ବହୁ ତଳଯୁକ୍ତ ଏକ କୁଞ୍ଜରେ ବିରାଜମାନ । ଏହି କୁଞ୍ଜର ଉପରି ଭାଗରେ ଶ୍ୱେତ କପୋତଦ୍ୱୟ ବିଦ୍ୟମାନ । ଏହା ସହିତ ସେହି କୁଞ୍ଜର ତଳ ଭାଗରେ ମକରଦ୍ୱୟ ଶୋଭା ପାଉଛନ୍ତି । ଏହି କୁଞ୍ଜର ଚୂଡ଼ା ପଦ୍ମ ପୁଷ୍ପ ଆକୃତି ହୋଇ ଥିବା ବେଳେ ବେଦି ଗୁଡ଼ିକ ପ୍ରସ୍ଫୁଟିତ ପଦ୍ମ ପୁଷ୍ପ ଭଳି ହୋଇ ଅଛି ।

# ମୂଲ୍ୟ

ମୃଣାଳମନ୍ତ୍ର



Prof. (Dr) Mrinal Chatterjee
Regional Director
Indian Institute of Mass Communication (IIMC)
Sanchar Marg, Dhenkanal 759 001, Odisha
mo-91 94370 26194
(ବ୍ୟଙ୍ଗଚିତ୍ର: ନାଂଜୁଡା ସ୍ୱାମୀ)

କିଛି କିଛି ଜିନିଷ ଯେତେବେଳେ ଜୀବନରୁ ହଜି ହଜି ଯାଏ ସେତେବେଳେ ତାହାର ମୂଲ୍ୟ ଆମେ ବୁଝିପାରୁ । ସେମାନେ ଯେତେବେଳେ ସାଙ୍ଗରେ ଥାଆନ୍ତି ତାର ମୂଲ୍ୟ ଆମେ ବୁଝିପାରୁନା ।

କେତେଟା ଉଦାହରଣ ଦିଏ । ଗୋଟେ ସମୟରେ ରଜବେଳେ ପିଠାପଣା ହେବା, ଦୋଳି ଖେଳିବା ଇଏ ସାଧାରଣ କଥା ଥିଲା । ଓଡ଼ିଶାର ସବୁ ଅଂଚଳରେ, ବିଶେଷ କରି ଉପକୂଳ ଏବଂ ମଧ୍ୟ ଓଡ଼ିଶାରେ ଏହା ଏକ ଗଣପର୍ବ ଥିଲା । କ୍ରମଶଃ ଗାଁ ହଜିଯିବା ସହିତ ଗାଁରେ ରଜପର୍ବ ପାଳନର ବ୍ୟାପକତା, ଉତ୍ସବର ସାନ୍ଦ୍ରତା ଧିରେ ଧିରେ କମିଆସିବାକୁ ଲାଗିଲା । ଏବେ ସହରର ସୌଖିନ ହୋଟେଲରେ ଦୋଳି ଟଙ୍ଗା ହେଉଛି, ପିଠାପଣା ହୋଟେଲରେ କରାଯାଉଛି, ଦାମିକା ରେଷ୍ଟୁରାଣ୍ଟରେ କରାଯାଉଛି। ସେଠି ବ୍ୟୁଟିସିୟାନ ବସି ଆଖିରେ କଜ୍ଜ୍ୱଳ ପିନ୍ଧଉଛନ୍ତି, ହାତରେ ମେହେନ୍ଦି, ପାଦରେ ଅଳତା ପିନ୍ଧଉଛନ୍ତି। ଝିଅବୋହୁମାନେ ଏକାଠି ହୋଇ ରଜ ଗୀତ ଗାଉଛନ୍ତି, ଦୋଳି ଖେଳୁଛନ୍ତି ।

ଗୋଟେ ସମୟରେ ଘରେ କୁଣିଆ ମଇତ୍ର ଆସିଗଲେ ଲୋକେ କଦଳୀପତ୍ରରେ ଖାଉଥିଲେ । ତାର କାରଣ ସମସ୍ତଙ୍କ ଘରେ ଏତେ ବାସନ କୁସନ ରହୁନଥିଲା, ଆଉ କଦଳୀପତ୍ରରେ ଖାଇଲେ, ଫୋପାଡ଼ି ଦେଲେ- ଏଟା ସୁବିଧା ବି ହେଉଥିଲା । ଏବେ ସମସ୍ତଙ୍କ ଘରେ ବାସନ କୁସନ ଅଛି । କିନ୍ତୁ କଦଳୀପତ୍ରରେ ଖାଇବା ପାଇଁ ଅନେକେ ଦାମିକା ରେଷ୍ଟୁରାଣ୍ଟକୁ ଯାଉଛନ୍ତି ।

ନଈ ପୋଖରୀ କଥା ଦେଖନ୍ତୁ । ଆମେ ନଈକୁ ପ୍ରଦୂଷିତ କଲୁ । ପୋଖରୀର ଯତ୍ନ ନେଲୁ ନାହିଁ। ପୋଖରୀକୁ ପୋତି ଘର ତିଆରି କଲୁ। ଏବେ ସାରା ଓଡ଼ିଶା ଜଳକଷ୍ଟରେ ସନ୍ତୁଳି ହେଉଛି ।

ଗଛ କାଟି ପକେଇଲୁ। ତୋଟା ସବୁ କଟା ହୋଇ ଆପାର୍ଟମେଣ୍ଟ ହେଲା । ବଡ଼ ଗଛ ବଦଳରେ ଡେକୋରେଟର ତିଆରି ବାଉଁଶ ଦୋଳିରେ ବସି ଝୁଲୁଛୁ। ଗାଁର ଜୀବନଯାତ୍ରାକୁ ଆଧୁନିକ କରିବାପାଇଁ, ମଣିଷର ଜୀବନକୁ ଆହୁରି ସ୍ୱଚ୍ଛନ୍ଦ କରିବାପାଇଁ ସହର ସୃଷ୍ଟି ହେଲା । ମାଟିଘର ଭାଙ୍ଗି ବିଶାଳକାୟ ଫ୍ଲାଟ ତିଆରି ହେଲା। ଚାଷ ଜମିରେ କାରଖାନା ତିଆରି ହେଲା । ଗଛକାଟି ଚଉଡା ରାସ୍ତା ହେଲା। ଏବେ ଯେକୌଣସି ସହରବାସୀଙ୍କୁ ପଚାରନ୍ତୁ ତାଙ୍କୁ ସହର ପସନ୍ଦ ନା ଗାଁ ? ଅଧିକାଂଶ ଉତ୍ତର ଦେବେ ଗାଁ । ପ୍ରକୃତିର ସାନ୍ନିଧ ପାଇବା ବର୍ତ୍ତମାନ ଏକ ବିଳାସିତା। ଲୋକେ ପଇସା ଖର୍ଚ୍ଚକରି ପାହାଡ ଜଙ୍ଗଲକୁ ବୁଲି ଯାଉଛନ୍ତି ।

କିଛି ଜିନିଷ ଜୀବନର ହଜିଗଲେ ହିଁ ତାହା ମୂଲ୍ୟବାନ ହୋଇଯାଏ । ସେଥିପାଇଁ ବୋଧହୁଏ କେତେବେଳେ କେତେବେଳେ ନିଜର ଗୁରୁତ୍ୱ ବୁଝାଇବାପାଇଁ ହଜିଯିବା ବି ଦରକାର । ଭୀଷଣ ଦରକାର ।

# ଗୁହାରି ଶୁଣ ମଣିମା



ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ମୋ-୭୦୨୦୬୧୧୩୦୦

ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଅଖିଳବ୍ରହ୍ମାଣ୍ଡ ସ୍ୱାମୀ ସାରା ବିଶ୍ୱବାସୀ ତଥା ଅସଂଖ୍ୟ କୀଟପତଙ୍ଗ, ପଶୁପକ୍ଷୀଙ୍କ ହର୍ତ୍ତାକର୍ତ୍ତା, ଦଇବ ବିଧାତା ମହାପ୍ରଭୁ ଅନାଥର ନାଥ, ଦୀନବନ୍ଧୁ, ଜଗତର ନାଥ ଜଗନ୍ନାଥଙ୍କ ମହିମା ବର୍ଣ୍ଣନା କରିବା ଆମ ପରି ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ। ମହାପ୍ରଭୁ କାଳିଆ ସାଆନ୍ତ ଲୀଳା ଅବର୍ଣ୍ଣନୀୟ । ସେ ନିଜେ ହିଁ ନିଜର ସ୍ରଷ୍ଟା ନା ତାଙ୍କର ଆଦି ଅଛି ନା ତାଙ୍କର ଅନ୍ତ ଅଛି । ମହାପ୍ରଭୁ କେତେବେଳେ କାହା ମାଧ୍ୟମରେ କେଉଁ ରୂପରେ କାହାକୁ ସାହାଯ୍ୟ କରିବେ ଏହା କେବଳ ତାଙ୍କୁ ହିଁ ଜଣା । ତାଙ୍କର ବିନା ଇଙ୍ଗିତରେ ଗଛର ପତ୍ର ବି ହଲିନଥାଏ। ସେଥିପାଇଁ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ରଥର ସାରଥୀ ସାଜି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମୋହଗ୍ରସ୍ତ ଅର୍ଜୁନଙ୍କୁ ବୁଝାଇ କହିଛନ୍ତି 'କରି କରାଉ ଥାଏ ମୁହିଁ ମୋ ବିନୁ ଅନ୍ୟ ଗତିନାହିଁ '। ଏହାର ଅର୍ଥ ଏ ବିଶ୍ୱବ୍ରହ୍ମାଣ୍ଡରେ ଆମେ ଯାହାବି କର୍ମ କରିଥାଉ ସେଥିରେ ଭଗବାନଙ୍କ କିଛି ମହତ ଉଦ୍ଦେଶ୍ୟ ରହିଥାଏ । ମନୁଷ୍ୟ ନିଜର କର୍ମ ଅନୁସାରେ ଫଳ ଭୋଗିଥାଏ । ମନୁଷ୍ୟ ନିଜର ଇଛା ଅନୁସାରେ କିଛି ବି କର୍ମ କରିବା ଅସମ୍ଭବ । ମହାପ୍ରଭୁ ଚକାଡୋଳାଙ୍କ କୃପା ବିନା କୌଣସି କାର୍ଯ୍ୟ ସଫଳ ହୋଇନଥାଏ । କିନ୍ତୁ ଏକବିଂଶ ଶତାବ୍ଦୀର କିଛି ମନୁଷ୍ୟ ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତି, ମାନ, ପ୍ରତିଷ୍ଠା ଅର୍ଜନ କରି ଅହଂକାରରେ ବଶବର୍ତ୍ତୀ ହୋଇ ଅନ୍ୟାୟ, ଅନୀତି, ଦୁର୍ନୀତିରେ ଲିପ୍ତ ରହେ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବାରମ୍ବାର ପ୍ରଶ୍ନ ଚିହ୍ନ ଲଗାଇଥାଏ।

ନିଜର ଅହମିକା ତଥା ଅହଂକାର ବଶବର୍ତ୍ତୀ ହୋଇ ମନୁଷ୍ୟ ନିଜକୁ ସର୍ବଶକ୍ତିମାନ, ମହାଜ୍ଞାନୀ ମନେକରୁଛି । ଅର୍ଥକୁ ନିଜର ପ୍ରଧାନ ଅସ୍ତ୍ର ଭାବିନେଇଛି ଏବଂ ଅର୍ଥ ବଳରେ ବଳିୟାନ ହୋଇ ଜୀବନରେ ସବୁକିଛି ପାଇଯିବ ଏହା ମନୁଷ୍ୟ ଭାବି ନେଇଛି। ବସ୍ତୁବାଦୀ କଳିଯୁଗର ମନୁଷ୍ୟ ପକ୍ଷେ ସ୍ନେହ, ପ୍ରେମ, ମମତା, ଆବିଳତା, ନମ୍ରତା, ଉଦାରତା, ସରଳତା ପରି ମହନୀୟ ଗୁଣ ଆଶା କରିବା ଶଇତାନର ବେଦ ପାଠ ସଦୃଶ । ସାମାନ୍ୟ ସମ୍ପତ୍ତି ଆଉ କିଛି ଟଙ୍କା ପାଇଁ ନିଜର ଜନ୍ମଦାତା ତଥା ଜନ୍ମଦାତ୍ରୀଙ୍କୁ ହତ୍ୟା କରିବାକୁ ମଧ୍ୟ ପଛାଏ ନାହିଁ ଆଜିର ସ୍ୱାର୍ଥପର ମନୁଷ୍ୟ। ବସ୍ତୁବାଦୀ ମନୁଷ୍ୟ ରଙ୍ଗୀନ ଦୁନିଆର ମାୟାଜାଲରେ ଛନ୍ଦି ହୋଇ ନିଜର ତଥା ନିଜ ପରିବାର, ପତ୍ନୀ, ସନ୍ତାନ, ବନ୍ଧୁ, ପରିଜନକୁ ନିଜର ମନେକରୁଛି ଏବଂ ଈଶ୍ୱରଙ୍କ ଠାରୁ ଦୂରେଇଯାଉଛି । ଈଶ୍ୱରଙ୍କ ଆରାଧନା କରିବା, ପ୍ରାର୍ଥନା କରିବା, ଆଜିର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ପାଖରେ ସମୟ ନାହିଁ । କିନ୍ତୁ ମାଦକଦ୍ରବ୍ୟ, ନିଶା ସେବନ କରିବା ପାଇଁ ତା ପାଖରେ ଯଥେଷ୍ଟ ସମୟ ଅଛି। ଆଜିର ସ୍ୱାର୍ଥପର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ନିଜର ବନ୍ଧୁ, ପରିଜନ, ପତ୍ନୀ, ସନ୍ତାନ, ଆତ୍ମୀୟସ୍ୱଜନଙ୍କୁ ନିଜର ପ୍ରାଣଠାରୁ ଅଧିକ ଭଲପାଏ ଏବଂ ସେମାନଙ୍କୁ ଅତି ନିଜର ମନେକରେ। ସେଇମାନେ ବିପଦ ସମୟରେ ହାତଛାଡ଼ି ଦିଅନ୍ତି ଯେତେବେଳେ ସେମାନଙ୍କ ସ୍ୱାର୍ଥରେ ବାଧା ଆସେ । ସେମାନେ ହତ୍ୟା କରିବାକୁ ମଧ୍ୟ ପଛାନ୍ତି ନାହିଁ। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି 'ସମ୍ପଦ ବେଳେ ସର୍ବେ ସଖା ବିପଦେ ନଦିଅନ୍ତି ଦେଖା', 'ମିଛ ମାୟା ସଂସାର ଏଠି କେହି ନୁହେଁ କାହାର ଏକା ଚକାଆଖି ନିଜର '।

ଦ୍ୱାପର ଯୁଗ ସମୟରେ ପାଣ୍ଡବମାନେ କୌରବଙ୍କ ଠାରୁ ଜୁଆ ଖେଳରେ ହାରିବା ପରେ କୁରୁସଭା ସ୍ଥଳରେ କୌରବମାନେ ଯେପରି ଦ୍ରୌପଦୀଙ୍କ ବସ୍ତ୍ରହରଣ କଲେ ସେତେବେଳେ ଦ୍ରୌପଦୀ ସମସ୍ତଙ୍କୁ ସହାୟତା ପାଇଁ ଆକୁଳ ନିବେଦନ କଲେ ହେଲେ ଗଙ୍ଗା ପୁତ୍ର ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି ଗୁରୁ ଦ୍ରୋଣାଚାର୍ଯ୍ୟ, ପଞ୍ଚପାଣ୍ଡବ, ଧୃତରାଷ୍ଟ୍ର ପର୍ଯ୍ୟନ୍ତ ସମସ୍ତେ ନିରବ ରହିଲେ କେହି ଜଣେ ହେଲେ ବି ଏ ଅନ୍ୟାୟର ପ୍ରତିବାଦ କଲେନାହିଁ । ସେତେବେଳେ ନିରୁପାୟ ହୋଇ ଦ୍ରୌପଦୀ ସମ୍ପୂର୍ଣ୍ଣ ସମର୍ପିତ ଭାବରେ 'ବାସୁଦେବ ଶ୍ରୀକୃଷ୍ଣ ମୋର ଲଜ୍ୟା ନିବାରଣ କରନ୍ତୁ' ବୋଲି ଆକୁଳ ନିବେଦନ କଲେ, ସେତେବେଳେ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ଲଜ୍ୟା ନିବାରଣ କରିଥିଲେ। ଚାରିଯୁଗରେ ମହାପ୍ରଭୁ କାଳିଆ ସାଆନ୍ତ ମାନବ ସମାଜକୁ ଈଶ୍ୱରୀୟ ବାର୍ତ୍ତା ପ୍ରଦାନ କରିଛନ୍ତି । ଭକ୍ତର ମାନକୁ ସର୍ବାଗ୍ରେ ରଖିବା ପାଇଁ କେତେ ନିନ୍ଦା, ଅପମାନ, ତିରସ୍କାର, ମାଡ଼ ବି ସହିଛନ୍ତି ପୁଣି କେତେବେଳେ ଅର୍ଜୁନଙ୍କ ରଥରେ ସାରଥୀ ସାଜିଛନ୍ତି, ଶୁଦ୍ର ଜାତିରେ ଜନ୍ମ ହେଇଥିବା ଶବରୀର ଅଇଁଠା ଖାଇବାରେ କୌଣସି ସଂକୋଚ ପ୍ରକାଶ କରିନାହାନ୍ତି ଏବଂ ବାଲ୍ୟସଖା ସୁଦାମାକୁ ଭେଟ କରିବା ପାଇଁ ରାଜସିଂହାସନ ଛାଡ଼ି ନିଜେ ରାଜା ହୋଇ ଖାଲି ପାଦରେ ବିନା ସୈନ୍ୟସାମନ୍ତରେ ଦିନହୀନ ସୁଦାମାଙ୍କ ନିକଟରେ କାଳବିଳମ୍ବ ନକରି ପହଞ୍ଚିଯାଇଥିଲେ ଏବଂ ସେ ଆଣିଥିବା ଖୁଦଭଜା ଅତି ଆନନ୍ଦରେ ସେବନ କରିଥିଲେ । ସେଥିପାଇଁ ଭଗବାନ ସଦାସର୍ବଦା ନିଜର ଭକ୍ତକୁ ଖୁସି କରେଇବା ପାଇଁ ସବୁକିଛି କରନ୍ତି ତେଣୁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ଅନ୍ୟନାମ କୃପାସିନ୍ଧୁ । ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ତିରସ୍କାର, ନିନ୍ଦା, ଅପମାନ ସହ୍ୟ କରନ୍ତି କିନ୍ତୁ କାହାରି ଅହମିକା, ଅହଂକାର ସହ୍ୟ କରିପାରନ୍ତି ନାହିଁ । ସେଥିପାଇଁ କୁହାଯାଏ 'ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନ ସହନ୍ତି କାହାରି'। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାରେ ଅନେକ ସାଧାରଣ ମନୁଷ୍ୟଙ୍କୁ ଆଚମ୍ବିତ କଲା ପରି ଘଟଣାମାନ ଘଟିବାରେ ଅନେକ ପ୍ରମାଣ ମିଳେ । ଭକ୍ତର ମାନ ରକ୍ଷା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିଛନ୍ତି ତ ଆଉ କେତେବେଳେ ଭକ୍ତର ଭୋକ ଦୂରପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ପ୍ରଦାନ କରିଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କ ହାତରୁ ଦୂରରେ ଥାଇ ଏବଂ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଶ୍ରଦ୍ଧା ପୂର୍ବକ ଗ୍ରହଣ କରିଛନ୍ତି ବଡ଼ଠାକୁର କାଳିଆ ସାଆନ୍ତ ନିଜର ମହାବାହୁ ବଢ଼ାଇ । ଗୀତଗୋବିନ୍ଦ ଶୁଣିବା ପାଇଁ ସୁଦୂର ପଲ୍ଲୀରେ ବାଇଗଣ ତୋଳୁଥିବା ଅବସ୍ଥାରେ ଗୀତଗୋବିନ୍ଦ ବୋଲୁଥିବା ବୁଢ଼ୀର ବାଇଗଣ କିଆରୀରେ ହାଜର ହୋଇଛନ୍ତି । ଇନ୍ଦ୍ରଙ୍କ ପରି ଦେବତାଙ୍କ ଠାରୁ ଆରମ୍ଭ କରି ମହାମୁନି ନାରଦ ପର୍ଯ୍ୟନ୍ତ ଅନେକଙ୍କ ଅହଂକାରକୁ ଭଙ୍ଗ କରିଛନ୍ତି ମହାପ୍ରଭୁ କାଳିଆ ଠାକୁର । ଗର୍ବୀର ଗର୍ବ ଚୂର୍ଣ୍ଣ ପାଇଁ କେତେବେଳେ ଅଟକି ରହନ୍ତି ସେ ମହାପ୍ରଭୁ ରଥ ଉପରେ। କେତେବେଳେ ଭକ୍ତ ହାତରେ ସ୍ୱର୍ଣ୍ଣ ପାଇଁ ମାନ ଭାଙ୍ଗନ୍ତି 'ମାନଗୋବିନ୍ଦ'।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଲୀଳା ବୁଝିବା ଆମ ପରି ସାଧାରଣ ଅଜ୍ଞାନୀ ମନୁଷ୍ୟ ପାଖେ ଅସମ୍ଭବ । ସେ ଭାବର ନିକଟ, ଅଭାବକୁ ଦୂର । ଯିଏ ତାଙ୍କୁ ଯେପରି ଭାବରେ ଆରାଧନା, ଶ୍ରଦ୍ଧା କରିଛି ସେପରି ତାଙ୍କୁ ପାଇଛି । ଯିଏ ତାଙ୍କୁ ଯେଉଁ ରୂପରେ (ନିଜର ଇଷ୍ଟ ଭାବରେ ଦେଖିବାକୁ ଚାହିଁଛି ସେ ସେହି ରୂପରେ ଦେଖିବାକୁ ପାଇଛି) । ସିଏ ପରା ଭାବଗ୍ରାହୀ, କରୁଣାସିନ୍ଧୁ, ଅନାଥର ନାଥ ଦୀନବନ୍ଧୁ କାଳିଆ ଠାକୁର ଜଗତର ନାଥ ଜଗନ୍ନାଥ । ସାଲବେଗ ଯୁବକ ଅବସ୍ଥାରେ ଏକଦା ଭୀଷଣ ଭାବରେ କ୍ଷତାକ୍ତ ଓ ପୀଡ଼ିତ ହୋଇଥିଲେ । ଯେତେ ମେଡ଼ିସିନ ଲଗାଇଲେ ମଧ୍ୟ କ୍ଷତର ଉପଶମ ହେଲାନାହିଁ । ନିଜ ମା'ଙ୍କ ପରାମର୍ଶ କ୍ରମେ ବୃନ୍ଦାବନ ବିହାରୀ ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରି ବ୍ୟାଧିମୁକ୍ତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ କରୁଣାରୁ ମୃତ୍ୟୁମୁଖରୁ ରକ୍ଷା ପାଇଥିବାରୁ ନିଜର ସମଗ୍ର ଜୀବନ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସମର୍ପଣ ପୂର୍ବକ ସନ୍ୟାସୀ ଜୀବନଯାପନ କରିବାକୁ ପ୍ରତିଜ୍ଞା କରିଥିଲେ । ତେଣୁ ସେ ଗାଇ ଉଠିଥିଲେ 'ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ ଦର୍ଶନ କରିବି ଯାଇ ଶ୍ରୀ ମଧୁସୂଦନ' ।

ଏ କଳିଯୁଗରେ ବିଶ୍ୱର ସର୍ବଶ୍ରେଷ୍ଠ ଜୀବନ୍ତ ଦେବତା ଦାରୁବ୍ରହ୍ମ ଜଗତର ନାଥ ପରମବ୍ରହ୍ମ ବଡ଼ ଠାକୁର ଜଗନ୍ନାଥ । ତାଙ୍କ ଲୀଳା ଅତ୍ୟନ୍ତ ଚମତ୍କାର ଏବଂ ରହସ୍ୟମୟ । ଆମ ପରି ସାଧାରଣ ମନୁଷ୍ୟ ତାଙ୍କ ଲୀଳା କୁ ବୁଝିବା ଅସମ୍ଭବ । ସେ ସୃଷ୍ଟିକର୍ତ୍ତା, ପ୍ରାଣଦାତା, ଏ ଅଖିଳବ୍ରହ୍ମାଣ୍ଡର ରକ୍ଷାକର୍ତ୍ତା, ହର୍ତ୍ତାକର୍ତ୍ତା, ଜଗତର ଜମିଦାର ଆମେ ତାଙ୍କର ପ୍ରଜା । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା । ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର । ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ । ସେ ଅନାଦି ସେ ଅଶେଷ। ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ । । ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ ।

ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ । ସେ ଅରୂପ ପୁଣି ସ୍ୱରୂପ । ସେ ନିର୍ଗୁଣ ପୁଣି ସଗୁଣ । ବହୁ ରୂପରେ ତାଙ୍କର ପରିକଳ୍ପନା । ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ । ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ । ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ। ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ। ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ। ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ । ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି । ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ । ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର, ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ, ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି ), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହାପ୍ରସାଦ । ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ ।

ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର,ଶିବ ବା ଶୁଭର ସୂଚନା । ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ । କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି । ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ । ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସଧାରୀ ମନୁଷ୍ୟ ବୁଝିବା ଅସମ୍ଭବ। ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚ୍ଚର ଭେଦଭାବ ନଥାଏ । ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ । ସମସ୍ତଙ୍କ ଦୁଃଖ ବୁଝନ୍ତି ସେ । ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ, ନିରାଶୟ ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ । ଜାତିବର୍ଣ୍ଣ, ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ। ସେହ୍ନ, ପ୍ରେମ, ଭାତୃତ୍ୱ, ବଳିଦାନ, ଭଲପାଇବା, ମାନବିକତା, ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ । ଯେଉଁଠି ସ୍ୱାର୍ଥପର ଅହଂକାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା, ଜନ୍ମଦାତ୍ରୀ ମାତା, ବନ୍ଧୁ, ପରିଜନକୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ । ନିଜର ମାନ, ଅଭିମାନ, ରାଗ, ହିଂସା, କ୍ରୋଧ, ଘୃଣା ଭାବକୁ ପରିତ୍ୟାଗ କରି 'ମଣିଷପଣିଆହିଁ' ସର୍ବଶ୍ରେଷ୍ଠ ଏହାକୁ ସମଗ୍ର ମାନବଜାତି ଅନୁଭବ କରିବାର ସମୟ ଆସିଛି ।ଏହାକୁ ବୁଝିବାକୁ ହେବ ଯେ ନିୟତିର ନିଷ୍ପତ୍ତି ନିକଟରେ ସମଗ୍ର ମାନବଜାତି ଦୁର୍ବଳ ଏବଂ ଅସହାୟ । ଆମକୁ ନିଜର ଅହଂକାର ପରିତ୍ୟାଗ କରିବାକୁ ପଡିବ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ଚରଣଆଶ୍ରିତ ଏବଂ ଏବଂ ନତମସ୍ତକ ହେବାକୁ ପଡିବ । ମହାପ୍ରଭୁ ଅନାଥର ନାଥ କାଳିଆ ସାଆନ୍ତଙ୍କ ବିନା ସମଗ୍ର ମାନବଜାତିର ପରିକଳ୍ପନା କରିବା ଅସମ୍ଭବ ଏହାକୁ ବିଶ୍ୱବ୍ରହ୍ମାଣ୍ଡ ରେ କେହି ବି ଅସ୍ୱୀକାର କରିପାରିବେ ନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# କଳିକା



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ–୩୮

## ବ୍ୟାସଦେବଙ୍କ ଭବିଷ୍ୟବାଣୀ–୧



ରାଜସୂୟ ଯଜ୍ଞରେ ଯୋଗଦେଇଥିଲେ ଭଗବାନ ବ୍ୟାସ । ଯଜ୍ଞ ଶେଷହେବା ମାତ୍ରେ ସେ ଯୁଧିଷ୍ଠିରଙ୍କ ଠାରୁ ବିଦାୟନେବା ଉଦ୍ଦେଶ୍ୟରେ ତାଙ୍କ ପାଖରେ ପହଞ୍ଚିଲେ । ଯୁଧିଷ୍ଠିର ତାଙ୍କ ପାଦ ସ୍ପର୍ଶ କରିବା ସହିତ ତାଙ୍କ ପାଖରେ ବସିଲେ । କହିଲେ, "ହେ ଭଗବାନ! ମୋର ଆଶଙ୍କା ଦୂରକରନ୍ତୁ । ଯେ, ଜରାସନ୍ଧ ଓ ଶିଶୁପାଳଙ୍କ ମୃତ୍ୟୁପରେ ଜଗତ ଶାନ୍ତ ହେଲା ନା ଆଉରି କିଛି ଭୋଗିବାକୁ ପଡ଼ିବ ?"

ବ୍ୟାସ କହିଲେ – "ଦୁର୍ଭାଗ୍ୟ ସରିନାହିଁ । ଆସନ୍ତା ତେରବର୍ଷ ମଧ୍ୟରେ ଭୟାନକ ଘଟନା ଘଟିବାକୁ ଯାଉଛି । ଯାହାର ପ୍ରଭାବରେ ପୃଥିବୀ ଥରିଉଠିବ, ଶହ ଶହ କ୍ଷତ୍ରିୟ ରାଜାଙ୍କର ମୃତ୍ୟୁ ଘଟିବ । କ୍ଷତ୍ରିମାନଙ୍କର ଧ୍ୱଂସ ଘଟିବ ।

ତୁମେ ପାଣ୍ଡବ ଭାଇ ଓ ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କ ମଧ୍ୟରେ ଭୟଙ୍କର ଶତ୍ରୁତା ଦେଖାଦେବ । ଏବଂ ସେହି ଶତ୍ରୁତା କ୍ରମେ ଯୁଦ୍ଧର ରୂପନେବ । ଜଗତରୁ ସମସ୍ତ ନୀତି ନିୟମ ଲୋପପାଇବ । ତୁମକୁ ମୋର ପରାମର୍ଶ, ତୁମେ ଧର୍ମପଥ ଯେମିତି ତ୍ୟାଗନକର ।"

"ମୋତେ ବିଦାୟ ଦିଅ !"– କହିଲେ ବ୍ୟାସ ।

ଯୁଧିଷ୍ଠିରଙ୍କ ମନରୁ ସବୁ ସରସତା ଲୋପପାଇଲା । ସେ ତାଙ୍କର ଭାଇମାନଙ୍କୁ ବ୍ୟାସଦେବଙ୍କର ଭବିଷ୍ୟବାଣୀ ସଂପର୍କରେ କହିଲେ । କି ଦୁଃଖଦ ଘଟନା ଆମକୁ ଅପେକ୍ଷା କରିଛି !

ଅର୍ଜୁନ କହିଲେ – ତୁମେ ବର୍ତ୍ତମାନ ରାଜା । ତୁମେ ଭାଙ୍ଗିପଡ଼ିବା ଶୋଭନୀୟ ନୁହଁ । କପାଳରେ ଯାହାଥିବ ! ସାହସର ସହ ଆମେ ସମ୍ମୁଖୀନ ହେବା ।

ଯୁଧିଷ୍ଠିର ଉତ୍ତର ଦେଲେ– ମୁଁ ଆଜିଠାରୁ ଶପଥ କଲି କି ଆଗାମୀ ତେରବର୍ଷ ଭିତରେ ମୁଁ କାହାକୁ ବାଧିଲା ପରି କଥା କହିବି ନାହିଁ । ନିର୍ଦ୍ଦିଷ୍ଟ ଭାବରେ ମୋର କୌରବ ଭାଇମାନଙ୍କୁ । ଏବଂ ଆଜିଠାରୁ ମୋତେ କ୍ରୋଧ ସ୍ପର୍ଶ କରିବନାହିଁ । ସେମାନଙ୍କ ସହ କଳି ହେବାର ସମ୍ଭାବନା ଦେଖିଲେ ମୁଁ ଏଡେଇଯିବି । ତୁମମାନଙ୍କୁ ମୋର ପରାମର୍ଶ, ତୁମେ ଦୁର୍ଯ୍ୟୋଧନ ଓ ତାଙ୍କ ଭାଇମାନଙ୍କୁ କଦାଚ କଟୂକଥା କହିବ ନାହିଁ ।

"ନିଶ୍ଚୟ ନିଶ୍ଚୟ ।" – କହିଲେ ଭୀମସେନ୍ ଆଦି ଭାଇମାନେ ।

ବର୍ତ୍ତମାନ କଥା ଉଠିବ, ଯୁଧିଷ୍ଠିର ତ ଶପଥ କରିଥିଲେ କୌରବ ଭାଇମାନଙ୍କ ସହ କଳହକୁ ଏଡେଇ ଚଳିବେ । ତେବେ ପଶାଖେଳ ପାଇଁ ନିମନ୍ତ୍ରଣକୁ ସେ ଏଡେଇ ଗଲେ ନାହିଁ କାହିଁକି ! ଠିକ୍ କଥା ଅବଶ୍ୟ । ଯୁଧିଷ୍ଠିର ଅନ୍ୟ ବାଟରେ କଥାଟି ଭାବିଲେ । ଯେ, ଦୁର୍ଯ୍ୟୋଧନ ଚାହୁଁଚି ପଶାଖେଳିବ । ମୁଁ ନିମନ୍ତ୍ରଣକୁ ଅସ୍ୱୀକାର କଲେ ତାକୁ ବାଧିବ ଓ ତାହା କଳହର ସୂତ୍ରପାତ କରିପାରେ । ତେଣୁ ସେ ନିମନ୍ତ୍ରଣ ରକ୍ଷା କରିଥିଲେ । ଛାଡନ୍ତୁ ସେକଥା ।

ଯେଉଁ ସମୟରେ ଯୁଧିଷ୍ଠିର ଯେକୌଣସି କଳହକୁ ଏଡେଇଯିବା ପାଇଁ ଶପଥ କରିଥିଲେ, ଦୁର୍ଯ୍ୟୋଧନ ପାଣ୍ଡବ ଭାଇମାନଙ୍କର ଧନସଂପଦ ଓ ଖ୍ୟାତି ଦେଖି ଈର୍ଷାରେ ଜଳିଯାଉଥିଲେ । ରାଜସୂୟ ଯଜ୍ଞ ସମୟରେ କ'ଣ ସେ ନଦେଖିଲେ ! କି ଧନସଂପଦ, କି ଖ୍ୟାତି ! ସେ ଦେଖିଥିଲେ ରାଜାମାନଙ୍କର ଅକୁଣ୍ଠ ସମର୍ଥନ ତାଙ୍କ ପ୍ରତି । ପ୍ରତିମୁହୂର୍ତ୍ତରେ ଦୁର୍ଯ୍ୟୋଧନଙ୍କୁ ପ୍ରଚଣ୍ଡ ଈର୍ଷ୍ୟା ଖାଇ ଖାଇ ଯାଉଥିଲା । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

## ଛତା...

*ନଗେନ୍ଦ୍ର ନାଥ ପଟ୍ଟନାୟକ*



ସହର ବଜାରେ ଯେଉଁଠି ଦେଖିବ
ମନମାଫି ଛତା ଯେତେ
ବଜାର ହାଟରେ କିଣାବିକା ହୁଏ
ହରରଙ୍ଗୀ ଛତା କେତେ ।
ହେଉପଛେ ଯେବେ ଢୁ ଢୁ ବର୍ଷା
ଅବା ଟାଇଁ ଟାଇଁ ଖରା
ଘରୁ ଗୋଡ କାଢି ପଦାକୁ ଆସିଲେ
ଲୋଡାହୁଏ ଛତା ପରା ।
ଭୀଷଣ ତାତିରେ ଛତା ଆମ ପାଇଁ
ହୁଅଇ ଶୀତଳ ଛାଇ
ପ୍ରବଳ ବର୍ଷାରେ ରକ୍ଷକ ସାଜଇ
ମୁଣ୍ଡ ପରେ ଛାତ ହୋଇ ।
ମୁଣ୍ଡ ପରେ ଥିଲେ ମେଲା ଛତାଟିଏ
ଖରା ତ କାଟିବ ନାହିଁ
ବରଷା ଦାଉରୁ ରକ୍ଷା ମିଳିଯାଏ
ଛତା ପାଶେ ଥିଲେ ରହି ।
ପିଲା ହେଉ କିବା ଯୁବା ବୃଦ୍ଧଜନ
ସଭିଙ୍କୁ ସେ ଭଲପାଏ
କେବେ ରାଜା ଆଉ କେବେ ମହାରାଜା
ଶିର ପରେ ଛତି ଶୋହେ ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର ଓସ୍କାର ସିଟି, ଲେନ୍ ନଂ-୯, ପ୍ଲଟ୍ ନଂ-୪୫୬, ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

## କହିଲ ଦେଖି

*ପ୍ରଶାନ୍ତ କୁମାର ନାଥ*

୧) ଏମିତି ଅଟଇ ରଥଟେ ସିଏ
ଷୋହଳ ଚକରେ ତିଆରି ହୁଏ
ନୃସିଂହ ଅଟନ୍ତି ରକ୍ଷକ ଯା'ର
ଜୟ ଓ ବିଜୟ ଦୁଆରପାଳ
ତ୍ରିଲୋକମୋହିନୀ ପତାକା ତା'ର
ଶଙ୍ଖଚୂଡ ଅଟେ ଦଉଡି ଯା'ର
ଗରୁଡ ଅଟଇ ପତାକା ଚିହ୍ନ
ଧ୍ୱଜପମୁରତୀ ଯେ ହନୁମାନ
ନାଲି ହଳଦିଆ ଅଟେ ତା ରଙ୍ଗ
ନାମ ତାର ଦେଖି କହିଲ ସାଙ୍ଗ ?
୨) ଆହାକି ସୁନ୍ଦର ଅଟେ ସେ ରଥ
ସାତଶହ ଏକତିରିଶି ଲାଗଇ କାଠ
ଚଉଦ ଚକରେ ସେ ଗଡୁଥାଏ
କଳାରଙ୍ଗ ଘୋଡା ରଥରେ ଥାଏ
ମାତଳୀ ଅଟନ୍ତି ସାରଥୀ ତା'ର
ବସୁକୀ ଅଟଇ ଦଉଡି ଯା'ର
ସେ ରଥର ଅସ୍ତ୍ର ହଳ ମୂଷଳ
ନନ୍ଦ ଓ ସୁନନ୍ଦ ତା ଦ୍ୱାରପାଳ
ବାସୁଦେବ ପରା ରଥ ରକ୍ଷକ
୪୬'୦୬'' ଅଟେ ପ୍ରତିଟି ଚକ
ଉନ୍ନନି ଅଟଇ ପତାକା ଯା'ର
କିଏ ସେ କହିବ ନାମଟି ତା'ର ?
୩) ଏମିତି ଅଟଇ ରଥଟି ସିଏ
ବାରଟି ଚକରେ ତିଆରି ହୁଏ
ରଥରେ ଲାଗଇ ଚାରୋଟି ଘୋଡା
ସାତଶହ ଏଗାର କାଠ ଯେ ଯୋଡା
ଗଙ୍ଗା ଓ ଯମୁନା ଦୁଆରପାଳ
୪୪'୦୬'' ଅଟେ ଉଚ୍ଚତା ତାର
ଅର୍ଜୁନ ଅଟନ୍ତି ରଥ ସାରଥୀ
ଭୁବନେଶ୍ୱରୀ ଓ ଚକ୍ରା ରଥର ଶକ୍ତି
ଜୟଦୁର୍ଗା ପୁଣି ରକ୍ଷକ ଯା'ର
ସ୍ୱର୍ଣ୍ଣଚୂଡ ଅଟେ ଦଉଡି ତାର
ନାଲି କଳା ରଙ୍ଗେ ଝଲସୁଥାଏ
ସେ ରଥ ନାମଟି କହିବ କିଏ ?

*ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର-୭୫୫୦୧୩*
*ମୋ-୮୩୧୦୩୨୮୩୪୫*

ଉତ୍ତର: ୧) ନନ୍ଦିଘୋଷ ୨) ତାଳଧ୍ୱଜ ୩) ଦର୍ପଦଳନ

## ଆଗକୁ ଆସୁଛି ରଥ ଯାତରା

*ସୁଜିତ କୁମାର ମିଶ୍ର*



ଆଗକୁ ଆସୁଛି ରଥ ଯାତରା,
ଆଷାଢ଼ ଶୁକ୍ଳରେ ପଡୁଛି ପରା ।
ବଡଦାଣ୍ଡ ଦିଶେ ଭାବ ନଗରୀ,
ତିନିରଥ ଗଢା ଗଲାଣି ସରି ।
ବିଜେ ହେବେ ପ୍ରଭୁ ଜଗତ ମଣି
ସଙ୍ଗେ ଥିବେ ଭ୍ରାତା ସୁଭଦ୍ରା ଭଗ୍ନୀ ।
ଆସୁଥିବେ ଝୁଲି ଭକତ ମେଳେ,
ଘଣ୍ଟ ହୁଳହୁଳି ହରିବୋଲରେ ।
ନୀତି ସାରିଦେବେ ଦଇତା ପତି,
ରଥାରୂଢ ହେବେ ତିନି ଶକତି ।
ଦିଅଁ ମାଉସୀ ମା' ଘରକୁ ଯିବେ,
ଲକ୍ଷ୍ମୀ ସାଆନ୍ତାଣୀ ଅଧିର ହେବେ ।
ରୋଷରେ ଭାଙ୍ଗିବେ କାନ୍ତଙ୍କ ରଥ,
ମନ ଉଣା କରି ଫେରିବେ ମାତ ।
ନବଦିନ ଯାତ ଚାହୁଁ ସରିବ,
ପ୍ରଭୁଙ୍କ ନୀଳାଦ୍ରି ବିଜେ ହୋଇବ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

## ବରଷା କରୁଚି ନାଟ

*ପ୍ରଶାନ୍ତ କୁମାର ଦାଶ*

ବରଷା ବାହାରେ କରୁଚି ନାଟ
ପାଣି ଚବ ଚବ କାଦୁଅ ବାଟ
ଶୁଖିଥିଲା ନଈ ପୋଖରୀ ଝର
ବରଷା ଖସିଲା ଥରକୁ ଥର
ପୂରିଗଲା ଜଳ ଗୋଳିଆ ଦିଶେ
ନଈ ମନ୍ଦ ଛନ୍ଦେ ସାଗରେ ମିଶେ
ପଡ଼ିଆଟା ସାରା ବଢିଆ ଘାସ
ଭିଜାମାଟି ଦେହେ ଚାଲିଚି ଚାଷ
ନାଲିପାଟ ପିନ୍ଧି ସାଧବବୋହୂ
ଝରାଇଲା ଓଠୁ ହସର ମହୁ
ବିଲୁଆ ଛାଡ଼ିଲା ବିଲରେ ରଡି
କାନ୍ଦିଲା ଟୁକୁନା ଶେଯରେ ପଡ଼ି
ଘଡ଼ଘଡି ଡାକ ଶୁଣିକି ଶଶୀ
ବୋଉ କୋଳେ ଗଲା ଡରରେ ବସି
କଳା ମଚ ମଚ ବରଷା ରାତି
ଥରାଇଲା ଆସି ପିଲାଙ୍କ ଛାତି
ଜହ୍ନ ଲୁଚିଗଲା ବଉଦ କୋଳେ
ପକ୍ଷୀ ଶୋଇଗଲା ଗଛର ଡାଳେ
ବରଷା ଢାଳିଲା ଆକାଶୁ ପାଣି
ଫଙ୍କଫଙ୍କ ଡିଏଁ ବେଙ୍ଗୁଲୀରାଣୀ ।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

## ବରଷା ରାଣୀ ଆ

*ନଳିନୀ ଦାଶ*



ବରଷା ରାଣୀ ଆ ଧରାକୁ ଭିଜେଇ ଦେଇ ତୁ ଯାଆ
ତୋର ପରଶେ ହସି ଉଠିବ ଆମ ଏ ମାଟି ମାଆ
ପକ୍ଷୀ ହରଷେ ଗଛ ଡାଳରେ ଗୀତ ଗାଇବେ ବସି
ଚାଷୀ ଭାଇଟି କ୍ଷେତରେ ତାର ଚାଷ କରିବ ହସି ।
ଗଛରେ ନୂଆ ପତ୍ର କଅଁଳି ଦିଶିବ କେଡ଼େ ଶୋଭା
କଢ଼ ଧରି ଫୁଲ ଫୁଟିଲେ ଲାଗୁଥିବ ମନଲୋଭା
ନଦୀ ପୋଖରୀ କୂଅରେ ଭରିଯିବ ବରଷା ଜଳ
ବରଷା ହୋଇ ଗଛର ଡାଳେ ଫଳିବ ମିଠା ଫଳ ।
ଗଛ ମୂଳରେ ବେଙ୍ଗୁଲି ରାଣୀ ବଜାଇଦେବ ତୂରୀ
ସାଧବବୋହୂ ବରଷା ବେଳେ ଚାଲିବ ଥିରିଥିରି
ନେଳିଆ ଆକାଶ କାଳିଆ ହୋଇଲେ ବରଷା ଦେଖି
ଆନନ୍ଦ ମନେ ପୁଚ୍ଛକୁ ଟେକି ନାଚ କରଇ ଶିଖି ।
ବରଷା ହେଲେ ପୋଖରୀ ନଈ ପାଣିରେ ମୀନଖେଳେ
ମୁନି ଆମର ଛତାକୁ ଖୋଲି ଯାଏ ସାଥିଙ୍କ ମେଳେ
ଖରାର ତାପ ନାହିଁ ଧରାରେ ଥଣ୍ଡା ପବନ ବହେ
ବରଷା ଆସି ଖୁସି ବାଣ୍ଟଇ ସବୁରି ମନ ମୋହେ ।

*ଭିକାରିପଡା, ଶରଣକୁଳ, ନୟାଗଡ*
*ମୋ-୯୨୩୮୯୯୬୬୪୯*

## ଦୁଃଖରେ ଫେରିଲା ରଜ

*ସୁଧାକର ରାଉତ*





ତୋଟା ନାହିଁ ବୋଲି ଦେଖାଯାଉନାହିଁ
ଆଉ ସେ ପୂର୍ବର ମେଳି ।

ପୁଚି, ବାଗୁଡ଼ି ଆଉ ତାସ ଖେଳ ବି
ଗଲେଣି ସମାଜୁ ହଜି
କର୍ପୂର ଉଡ଼ିଯାଇ କନା ପଡ଼ିଛି
ଦୁଃଖ ଓ ଲୁହରେ ଭିଜି ।

ବରଷାରେ ଭିଜିଭିଜି ଆସିଥିଲି
ବାଣ୍ଟିବାକୁ ଟିକେ ସୁଖ
ମାତ୍ର ତୁମ ଚାଲିଚଳନ ଦେଖିଣ
ଫେରେ ଭରି ମନେ ଦୁଃଖ ।

ମୁଁ ଆସିବା ଆଗୁ କେଡ଼େ ଶରଧାରେ
ରହିଥିଲ ସିନା ଚାହିଁ
ତୁମ ପାଶେ ପହଞ୍ଚିଣ ମୁଁ ଦେଖିଲି
ଆଗ ସ୍ନେହ ତୁମ ନାହିଁ ।

ପିଠା ପଣାର ବାସନାର ମହକ
ଛୁଟୁଥିଲା ସବୁ ଘରେ
ନୂଆ ପୋଷାକରେ ତୁମେ ବୁଲୁଥିଲ
ସାଥୀ ମେଳେ ଦ୍ୱାରେ ଦ୍ୱାରେ ।

ନାହିଁ ବି ସେବେଳ ପୋଡ଼ ପିଠା ଆଉ
ନାହିଁ ଗଛ ନାହିଁ ଦୋଳି

ସହରଠୁ ପଲ୍ଲୀ ଯୁଆଡେ ଦେଖିଲେ
ଲାଗେ ମୋତେ ଭାରି ଏକା
ରଜର ମଉଜ ଖୋଜିଲେ ନ ମିଳେ
ସବୁ ଏବେ ଫିକା ଫିକା ।

ତୁମ ରାଇଜର ନିଆରା ପର୍ବ ମୁଁ
ଏ କଥାକୁ ଗଲ ଭୁଲି
ଗଣ ପରବ ପରା ତୁମ ମାଟିର
ଗଲେ ନ ଆସିବି କାଲି ।

ଆଧୁନିକ ସଭ୍ୟତା ପଛେ ଧାଇଁଣ
କର ସମ୍ପର୍କକୁ ଶେଷ
ଅଭିମାନ କରି ରହିଲେ ଦୂରେଇ
ଧରିବନି ମୋର ଦୋଷ ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*

## ଗ୍ରୀଷ୍ମ ଚାଲିଗଲା ବରଷା ଆସିଲା...

*ରାମଚନ୍ଦ୍ର ବେହେରା*



ଗ୍ରୀଷ୍ମ ଚାଲିଗଲା ବରଷା ଆସିଲା
ଆକାଶୁ ଝରିଲା ବାରି
ଅସହ୍ୟ ତାତିରୁ ମୁକତି ମିଳିଲା
ଶୀତଳତା ଗଲା ଭରି ।
ଚଷାପୁଅ ତା'ର ଗହୀର କ୍ଷେତରେ
ଚାଷ କାମ ଆରମ୍ଭିଲା
ଶୁଖି ଯାଇଥିବା ଚାରୁ ତରୁଲତା
କଅଁଳ ପତ୍ର ମେଲିଲା ।
ବନ ଉପବନେ ପକ୍ଷକୁ ମେଲେଇ
ମୟୂର କରିଲା ନୃତ୍ୟ
କାଗଜ ଡଙ୍ଗାକୁ ଭସାଇଲା କୁନା
ଗାଇ ମନେ ଖୁସି ଗୀତ ।
ଭୂଇଁରୁ ବାହାରି ବାହାରେ ଉଡିଲେ
ଝଡିପୋକ ପଲ ପଲ
ବାଦଲ ଫାଙ୍କରୁ ବିଜୁଳି ଆଲୋକ
ଚମକିଲା ଝଲ ମଲ ।
ନଈ ପୋଖରୀର ଶୁଖାପଣ ଗଲା
ଉଦର ଉଠିଲା ପୂରି
ବର୍ଷା ଦେଖି ଜନେ ସାଥିରେ ନେଲେଣି
ଛତାକୁ ହାତରେ ଧରି ।
ବର୍ଷା କରିଥାଏ ଜଗତର ହିତ
ଦାନ କରି ଶୁଦ୍ଧ ଜଳ
ବରଷାରେ ଆମେ କେବେ ଭିଜିବାନି
ସର୍ଦ୍ଦି ଜ୍ୱର ହେବ କାଳ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## କଲେରା ମହାମାରି ଥମୁନି



*ମହେନ୍ଦ୍ର କୁମାର ଘଡ଼େଇ*

ପିଣ୍ଡାରେ ବସି ଦୁଇ ଭଉଣୀ
ହୋଇଲେ କୁହାକୁହି
ଘରୁ ବାହାର ଯିବାକୁ ମନ
ଆମର ଚଳୁ ନାହିଁ ।
ତରଳ ଝାଡ଼ାବାନ୍ତିକୁ ନେଇ
ଦରଜ ମାଂସପେଶୀ
କଲେରା ମହାମାରି ଥମୁନି
ବଢୁଛି ବେଶୀ ବେଶୀ ।
ଡାକ୍ତରଖାନା ଖଟିଆ ଧରି
ପାଉଛି କିଏ କଷ୍ଟ
ବିକଳ ହୋଇ ଘର ଭିତରେ
ଜପୁଛି କିଏ ଇଷ୍ଟ ।
ଦୂଷିତ ଜଳ ବାସି ଖାଇବା
ଆଣିଲା ଡାକି ରୋଗ
ତା' ପାଇଁ କଲବଲ ହେଉଛେ
ହରାଇ ସୁଖଭୋଗ ।
ନଈ ପୋଖରୀ ପାଣିରେ ଲୁଗା
ଧୂଆ ଗାଧୁଆ ପିଆ
ନିରିଦୟରେ ମାରକ ଦଶା
ଆଣି ମାରୁଛି ଡିଆଁ ।
ଡିପ୍ ଟେଷ୍ଟରେ ଧରା ପଡୁଛି
କଲେରା ମହାମାରି
ସଚେତନରେ ଜଗି ଚଳିଲେ
ନ ଯିବା ଆମେ ହାରି ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା*
*ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

## ବ୍ୟାଟେରୀ ଖେଳନା ବନାମ ବହି

*ସୁରମା ମିଶ୍ର*



ଅଜା ଆଣିଥିଲେ କଟକ ସହରୁ
ମୋ ପାଇଁ କେତେ ଖେଳନା
କେଉଁଟା ଖେଳିବି କିପରି ଖେଳିବି
ବୁଦ୍ଧି ହୋଇଗଲା ବଣା ॥

ଆମ ଗାଁରେ ତ ମିଳେନି ଏ ସବୁ
କେମିତି ଜାଣିବି ମୁହିଁ
ପଚାରିଲେ ମୋର ସାଙ୍ଗ ମାନଙ୍କୁ ଲୋ
କହି ପାରନ୍ତିନି କେହି ॥

ବୋହୂ ଚୋରି ଆଉ ଡାବର ପୁଆ ଲୋ
ବାଟି ଖେଳଟି ବଢିଆ
ଖେଳିଲେ ଦେହରୁ ଝାଳ ବୋହି ଯାଏ
ଦେହ ଲାଗେ ଉଶ୍ୱାସିଆ ॥

ବ୍ୟାଟେରୀ ଚାଳିତ ଖେଳନା ମୋହର
ଲୋଡା ନାହିଁ ଲୋଡ଼ା ନାହିଁ
ଘରେ ବସି ଯଦି ଖେଳିବି ସେ ସବୁ
ଅଳସୁଆ ହେବି ମୁହିଁ ॥

ଅଜାଙ୍କୁ ବୋଉଲୋ କରିଦେବୁ ମନା
ଖେଳନା ଆଣିବେ ନାହିଁ
ଜ୍ଞାନ ଆହରଣ କରିବା ପାଇଁକି
ଆଣିବେ ମୋ ପାଇଁ ବହି ॥

ବହିଟିଏ ଯଦି ପଢିବି ବୋଉଲୋ
ପାଇବି ଅଶେଷ ଜ୍ଞାନ
ସେଇ ଜ୍ଞାନକୁ ମୁଁ କାମରେ ଲଗାଇ
ବଢ଼ାଇବି ତୋର ମାନ ॥

ସଭିଙ୍କୁ ବୋଉଲୋ କହିବି ଯାଇ ମୁଁ
ବହି ଟିଏ ପଢିବାକୁ
ଜ୍ଞାନ ଦାତା ସିଏ ଭରି ଦେବ ଜ୍ଞାନ
ଶତ ପ୍ରଣାମ ତାହାକୁ ॥

*ବିଏଲ-୩୯, ଭିଏସଏସନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

## ତୁମ ତୂଳୀରୁ ...



ଓମ୍‌ପ୍ରକାଶ ବାରିକ, ଦଶମ ଶ୍ରେଣୀ
ବସନ୍ତପୁର ଇଂରାଜୀ ମିଡ଼ିୟମ୍ ବିଦ୍ୟାଳୟ,
ମୁର୍ସିଦାବାଦ, ୱେଷ୍ଟବେଙ୍ଗଲ

## ଆରେ ବଉଦ ଦେରେ ପାଣି

*ଲୀଳାବତୀ ପରିଡ଼ା*

ଆରେ ବଉଦ ଦେରେ ପାଣି
ହସି ଉଠୁ ଆମ ଧରଣୀ ରାଣୀ
କାହିଁ ଆମ ପରେ କରିଛୁ ମାନ
କରିବୁନି ଭୁଲ ଧରୁଛୁ କାନ
ବଣ ପରବତ କାଟିଲୁ ବୋଲି
ଅଭିମାନ କରି ଯାଇଛୁ ଭୁଲି
କଳ କାରଖାନା ବଜାର ହାଟ
ବସିବାକୁ ହୋଇଲା ଗଛ କାଟ
ପରିବେଶ ଆମ ବିଗିଡି ଗଲା
ଯଥା ସମୟରେ ବର୍ଷା ନ ହେଲା
ମୁନା ମୁନି ଭାଇ ଭଉଣୀ ସବୁ
ଧାଡ଼ି ଧାଡ଼ି ଗଛ ଲଗାଇ ଦେବୁ
ରଖିବୁନି ଜମା ପଡିଆ ଭୂଇଁ
ନଡ଼ିଆ ପଣସ ଦେବୁଟି ରୋଇ
ବଡ ହୋଇ ଦିନେ ହୋଇବ ଗଛ ।

## ଏତିକି ବିନତି

*ଦୀପକ କୁମାର ନାୟକ*



ବାପା ପରି କେହି ଦୁନିଆଁରେ ନାହିଁ
ଏ କଥାଟି ଲେଖି ରଖ
ବାପାଙ୍କ ଆଦର ଆଗେ ସବୁ ତୁଚ୍ଛ
ଜାଣେ ଏ ଦୁନିଆଁ ଯାକ ॥

ଆଙ୍ଗୁଠି ଧରି ସେ ଚାଲିବା ଶିଖାନ୍ତି
ଜୀବନର ଚଲାପଥ
ମୁଣ୍ଡ ଝାଳକୁ ସେ ତୁଣ୍ଡେ ମାରି ଆମ
ପାଟିରେ ଦିଅନ୍ତି ଭାତ ॥

ଆମକୁ ମଣିଷ କରିବା ପାଇଁକି
କେତେ ଦୁଃଖ ସହିଥାନ୍ତି
ଆଖିର ଲୁହକୁ ଲୁଚାଇ ଆମକୁ
ହସେଇବା ଶିଖାଅନ୍ତି ॥

ନିଜେ ଚିରା ଲୁଙ୍ଗି ପିନ୍ଧି ଆମକୁ ସେ
ନୂଆ ଡ୍ରେସ୍ ଦେଇଥାନ୍ତି
ଯେତେ ଝଡ ଝଞ୍ଜା ଆସୁ ପଛେ ଆମ
ଅଳିକୁ ପୂରଣ କରନ୍ତି ॥

ଏପରି ମହାନ୍ ମଣିଷକୁ କେବେ
କରିବାନି ହତାଦର
ପିତା ଧର୍ମ ପିତା ସ୍ୱର୍ଗ ପୁଣି ଆମ
ପିତା ହିଁ ପରମେଶ୍ୱର ॥

*ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ-୭୫୯୦୨୧*
*ମୋ-୮୬୩୭୨୬୧୮୨୮*

## ମଉସୁମୀ ଆସି ଛୁଇଁଲା ଧରା

*ପ୍ରଫୁଲ୍ଲ କୁମାର ସାହୁ*



ମଉସୁମୀ ଆସି ଛୁଇଁଲା ଧରା
ମଉଳି ଗଲାଣି ଟାଣୁଆ ଖରା
କୋହଲା ଲାଗୁଛି ପାଗ,
ଆକାଶରେ ଘୋଟି କଳା ହାଣ୍ଡି ମେଘ
ଛୁଇଁ ଯାଏ ଚଉଦିଗ । ୧

ନାହିଁରେ ନାହିଁରେ ଖରାର ଭାଉ
ଅଂଶୁଘାତ ଭୟ ନାହିଁଟି ଆଉ
ଆକାଶୁ ବରଷା ଝରି,
ଶୁଖିଲା ପୋଖରୀ ନଈ ନାଳ ଯେତେ
ଗଲାଣି ଜଳରେ ଭରି । ୨

ପଡିଆରେ ନୂଆ ଘାସ ପତର
କଅଁଳି ଦିଶଇ କି ମନୋହର
ସବୁଜ ଶୋଭାରେ ଧରା,
ଦିଶୁ ଅଛି ସତେ ଆହାକି ସୁନ୍ଦର
ମନ କିଣି ନିଏ ପରା । ୩

ଝିପି ଝିପି ମେଘ ଯାଏ ବରଷି
ମନେ ମନେ ଚାଷୀ ହୁଅଇ ଖୁସି
ନିଜ କ୍ଷେତ ଚାଷ ପାଇଁ,
ସାଥିଙ୍କ ମେଳରେ କ୍ଷେତକୁ ଯାଏ ସେ
ମନେ ନୂଆ ଆଶା ନେଇ । ୪

ନାହିଁଟି ପୁରୁଣା ହଳ ଲଙ୍ଗଳ
ଚାଷରେ ଖଟାଏ ନୂଆ କୌଶଳ
ଟ୍ରାକ୍ଟର କରୁଛି ଚାଷ,
ନିଜ ଚାଷ କାମ ସରିଲେ ସଅଳ
ମୁହଁରେ ଫୁଟିବ ହସ । ୫

ଜୀବ ଜଗତର ଜୀବନ ଜଳ
ସଭିଙ୍କ ଦେହକୁ ଯୋଗାଏ ବଳ
ସବୁରି ପରା ସେ ମିତ,
ଖରା ପରେ ଆସି ଧରାକୁ ବରଷା
କରଇ ଜଗତ ହିତ ।

*ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ବାଲିପଡ଼ା, ମାହାଙ୍ଗା, କଟକ -୭୫୪୨୦୭*
*ମୋ- ୭୬୦୯୦୪୪୩୮୩*

31 YEARS
ସମ୍ବାଦ କଳିଙ୍ଗ
ଖେଳ ଖେଳ
ଭୁବନେଶ୍ୱର, ୧୯ ଜୁନ, ଗୁରୁବାର, ୨୦୨୫


# ଭାରତୀୟ ମହିଳା ଫୁଟବଲ ଦଳରେ ସ୍ଥାନ ପାଇଲେ ଯୋଡ଼ାର ଗୋଲ୍ଡେନ ଗାର୍ଲ ମନୀଷା

**କେନ୍ଦୁଝର, ନ୍ୟୁଜ୍**




କେନ୍ଦୁଝର ଜିଲ୍ଲା ଯୋଡ଼ା ବସ୍ତିର ଗୋଲଡେନ ଗାର୍ଲ ମନୀଷା ନାଏକ ଅଷ୍ଟ୍ରେଲିଆ ଠାରେ ହେବାକୁ ଥିବା ଏଏଫସି ମହିଳା ଏସିଆନ କପ୍ କ୍ୱାଲିଫାଏର ଟୁର୍ଣ୍ଣାମେଣ୍ଟ ପାଇଁ ୨୪ ଜଣିଆ ଭାରତୀୟ ମହିଳା ଫୁଟବଲ ଦଳରେ ସ୍ଥାନ ପାଇ କେନ୍ଦୁଝର ଜିଲ୍ଲା ସହ ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏହି କ୍ୱାଲିଫାଏର ଟୁର୍ଣ୍ଣାମେଣ୍ଟ ଜୁନ ୨୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡ ଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଗ୍ରାମାଞ୍ଚଳର ଲୁକ୍କାୟିତ ଏହି କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରି ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ଫୁଟବଲ କୋଚ୍ ବାଦଲ ମହାକୁଡ଼ ତାଙ୍କୁ ପ୍ରଥମେ ୨୦୧୫ ମସିହାରେ ଟିଏସଏଫକୁ ଆଣି ଫୁଟବଲ ଖେଳ ପ୍ରଶିକ୍ଷଣ ଦେଇଥିଲେ। ପରେ ସେ ନିଜର ଦୃଢ଼ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ନିଜର ଖେଳରେ ବହୁତ କିଛି ଉନ୍ନତି ଆଣି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୬ରେ ସୁନ୍ଦରଗଡ଼ରେ ଅବସ୍ଥିତ ରାଜ୍ୟ କ୍ରୀଡା ଛାତ୍ରବାସରେ ଯୋଗଦାନ କରି ନିଜର ଫୁଟବଲ ଖେଳ ଜାରି ରଖି ନିଜର ଖେଳ କୌଶଳରେ ଅନେକଟା ଉନ୍ନତି ଆଣିବା ସହ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାରତୀୟ ଫୁଟବଲ ବ୍ଲୁ ଟାଇଗ୍ରେସେସର ମୁଖ୍ୟ କୋଚ୍ କ୍ରିସପିନ ଛେତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୨୪ ଜଣିଆ ଭାରତୀୟ ମହିଳା ଫୁଟବଲ ଦଳରେ କେନ୍ଦୁଝର ଜିଲ୍ଲା ଯୋଡ଼ାର ମନୀଷା ଜଣେ ପୁରୋଭାଗ ଖେଳାଳି ଭାବେ ସ୍ଥାନ ପାଇବା ସହ ଥାଇଲାଣ୍ଡ ଅଭିମୁଖେ ଯାତ୍ରା କରୁଥିବା ଖବର ପ୍ରଚାର ହେବା ସଙ୍ଗେ ସଙ୍ଗେ ଯୋଡ଼ା ଏବଂ ସମଗ୍ର କେନ୍ଦୁଝର ଜିଲ୍ଲାରେ ଖୁସିର ମାହୋଲ ଖେଳିଯାଇଛି। ପ୍ରକାଶ ଥାଉକି ତୃଣମୂଳ ସ୍ତରରୁ କ୍ରୀଡାର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଯୋଡ଼ା ଟିଏସଏଫର ମନୀଷା ପ୍ରଥମ ଖେଳାଳି ଭାବେ ଭାରତୀୟ ମହିଳା ଫୁଟବଲ ଦଳରେ ସ୍ଥାନ ପାଇଥିବାରୁ ଅନ୍ୟ ଖେଳାଳି ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଗୋଲଡେନ ଗାର୍ଲ ମନୀଷାଙ୍କ ଏହି ବିରାଟ ସଫଳତା ପରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

# କୋଚି ଟସ୍କର୍ସ କେରଳକୁ ୫୩୮ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଲେ କୋର୍ଟ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପାଇଁ ଏକ ବଡ଼ ଝଟ୍‌କା ଭାବେ ବମ୍ବେ ହାଇକୋର୍ଟ ନିଷ୍କ୍ରିୟ ଆଇପିଏଲ ଦଳ କୋଚି ଟସ୍କର୍ସ କେରଳକୁ ୫୩୮ କୋଟି ଟଙ୍କାର ବିପୁଳ ଅର୍ଥ ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଛି। ବୁଧବାର ବମ୍ବେ ହାଇକୋର୍ଟ ପୂର୍ବତନ ଆଇପିଏଲ ଦଳଙ୍କ ପକ୍ଷରେ ରାୟ ଦେଇ ଭାରତୀୟ କ୍ରିକେଟ ବୋର୍ଡକୁ ୨୦୧୫ ମସିହାରେ ଆର୍ବିଟ୍ରେସନ ଟ୍ରିବ୍ୟୁନାଲ ଦ୍ୱାରା ପ୍ରଦତ୍ତ ଅର୍ଥ ପରିଶୋଧ କରିବାକୁ କହିଛି।

ଏହି ନିଷ୍ପତ୍ତି ବିସିସିଆଇ ଦ୍ୱାରା ଚୁକ୍ତି ଉଲ୍ଲଂଘନର ଅଭିଯୋଗ ଆଣି କୋଚି ଟସ୍କର୍ସ ଦଳର ଚୁକ୍ତି ରଦ୍ଦ କରିବାର ଏକ ଦଶନ୍ଧିରୁ ଅଧିକ ସମୟ ପରେ ଆସିଛି। ମଙ୍ଗଳବାର ଜଷ୍ଟିସ ଆରଆଇ ଚଗଲା ବିସିସିଆଇର ଆର୍ବିଟ୍ରାଲ ଆୱାର୍ଡକୁ ଚ୍ୟାଲେଞ୍ଜ କରୁଥିବା ଆବେଦନକୁ ଖାରଜ କରିଦେଇଥିଲେ ଏବଂ ଆର୍ବିଟ୍ରେସନ ଓ ସମାଧାନ ଆଇନର ଧାରା ୩୪ ଅନୁଯାୟୀ ବିଚାର ବିଭାଗୀୟ ହସ୍ତକ୍ଷେପର ସୀମିତ




ପରିସରକୁ ପୁନଃ ନିଶ୍ଚିତ କରିଥିଲେ। ଏକକ ବିଚାରପତି ବେଞ୍ଚ ରାୟ ଦେଇଛନ୍ତି ଯେ କୋର୍ଟ ଆର୍ବିଟ୍ରେଟରଙ୍କ ନିଷ୍କର୍ଷ ଉପରେ ଆପିଲେଟ ବଡ଼ି ଭାବେ କାର୍ଯ୍ୟ କରିପାରିବ ନାହିଁ।

କୋଚି ଟସ୍କର୍ସ କେରଳ ଆଇପିଏଲ ଫ୍ରାଞ୍ଚାଇଜି, ଯାହା ପ୍ରାରମ୍ଭରେ ରେଣ୍ଡେଭୁସ ସ୍ପୋର୍ଟସ ୱାର୍ଲ୍ଡ (ଆରଏସଡବ୍ଲୁ) ନେତୃତ୍ୱାଧୀନ ଏକ କନସୋର୍ଟିୟମକୁ ପ୍ରଦାନ କରାଯାଇଥିଲା, ପରେ କୋଚି କ୍ରିକେଟ ପ୍ରାଇଭେଟ ଲିମିଟେଡ୍ (କେସିପିଏଲ) ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଦଳ ୨୦୧୧ ମସିହାରେ ଆଇପିଏଲ ଲିଗରେ ଅଂଶଗ୍ରହଣ କରିଥିଲା, କିନ୍ତୁ ପରେ, ୨୦୧୧ ସେପ୍ଟେମ୍ବରରେ ଭାରତୀୟ କ୍ରିକେଟ ବୋର୍ଡ ଦଳର ମାଲିକମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ସଂଘର୍ଷ ଯୋଗୁଁ ୧୦ ପ୍ରତିଶତ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବାରେ ବିଫଳତା ଅଭିଯୋଗରେ ଚୁକ୍ତି ରଦ୍ଦ କରିଦେଇଥିଲା।

କେସିପିଏଲ କିନ୍ତୁ ଏହି ଅଭିଯୋଗକୁ ଖଣ୍ଡନ କରି କହିଥିଲେ ଯେ ଗ୍ୟାରେଣ୍ଟି ପ୍ରଦାନ ନକରିବା ପଛରେ ଆଭ୍ୟନ୍ତରୀଣ ସଂଘର୍ଷ ନୁହେଁ, ବରଂ ଷ୍ଟାଡିୟମ ସମସ୍ୟା ଏବଂ ଆଇପିଏଲ ମ୍ୟାଚ୍ ସଂଖ୍ୟା ହ୍ରାସ ଭଳି ଅମୀମାଂସିତ ବିଷୟଗୁଡ଼ିକ ଥିଲା। ବିସିସିଆଇ, ଏହି ସମସ୍ୟା ସତ୍ତ୍ୱେ, ଦଳ ସହିତ ବହୁବାର ପେମେଣ୍ଟ ଗ୍ରହଣ କରି ଜଡ଼ିତ ରହିଥିଲା, କିନ୍ତୁ ପରେ ଚୁକ୍ତି ରଦ୍ଦ କରିଦେଇଥିଲା।

ଏକ ବର୍ଷ ପରେ ୨୦୧୨ରେ, କେସିପିଏଲ ଓ ଆରଏସଡବ୍ଲୁ ଆର୍ବିଟ୍ରେସନ ପ୍ରକ୍ରିୟା ଆରମ୍ଭ କରିଥିଲେ ଏବଂ ୨୦୧୫ରେ ଟ୍ରିବ୍ୟୁନାଲ ତାଙ୍କ ପକ୍ଷରେ ରାୟ ଦେଇଥିଲା, ଯାହା ଏକ ବଡ଼ ଆଶ୍ୱାସନା ଭାବେ ଆସିଥିଲା। ଟ୍ରିବ୍ୟୁନାଲ କେସିପିଏଲକୁ ଲାଭର କ୍ଷତି ପାଇଁ ୩୮୪ କୋଟି ଟଙ୍କା ଏବଂ ଆରଏସଡବ୍ଲୁକୁ ବ୍ୟାଙ୍କ ଗ୍ୟାରେଣ୍ଟିର ଅନୁଚିତ ଏନକ୍ୟାସମେଣ୍ଟ ପାଇଁ ୧୫୩ କୋଟି ଟଙ୍କା ପ୍ରଦାନ କରିଥିଲା। ମୋଟ ରାଶି ୫୩୮ କୋଟି ଟଙ୍କାରୁ ଅଧିକ ହୋଇଥିଲା, ସମସ୍ତ ସମ୍ପର୍କିତ ଖର୍ଚ୍ଚ ସହିତ। ବିସିସିଆଇ ପରେ ଏହାକୁ ଚ୍ୟାଲେଞ୍ଜ କରିଥିଲା, ଯୁକ୍ତି ଦେଇଥିଲା ଯେ ଆର୍ବିଟ୍ରେଟର ଅଧିକାର କ୍ଷେତ୍ର ଅତିକ୍ରମ କରିଛନ୍ତି ଏବଂ ଆଇନଗତ ନୀତିର ଅପବ୍ୟବହାର କରିଛନ୍ତି।

# ଜାତୀୟ ହାମର ବଲ୍‌ରେ ଓଡ଼ିଶାକୁ ସ୍ୱର୍ଣ୍ଣ-ରୌପ୍ୟ



**ଭୁବନେଶ୍ୱର**

ହିମାଚଳପ୍ରଦେଶରେ ଆୟୋଜିତ ଜାତୀୟ ହାମର ବଲ୍ ପ୍ରତିଯୋଗିତାରେ ଓଡ଼ିଶା ପୁରୁଷ ଲଗାତାର ଦ୍ୱିତୀୟ ଥର ଲାଗି ବିଜେତା ହେବାର ଗୌରବ ଅର୍ଜନ। ଚଳିତ ବର୍ଷ ଫାଇନାଲ୍‌ରେ ଛତିଶଗଡ଼କୁ ହରାଇ ଓଡ଼ିଶା ଏହି ସଫଳତା ପାଇଥିଲା। ଏହା ପୂର୍ବରୁ ସେମିଫାଇନାଲ୍‌ରେ ଉତ୍ତରପ୍ରଦେଶକୁ ହରାଇଥିଲା। ଲିଗ୍ ? ପର୍ଯ୍ୟାୟରେ ୪ରୁ ୪ ଜିତି ସେମିଫାଇନାଲ୍‌ରେ ପହଞ୍ଚିଥିଲା ଓଡ଼ିଶା। ଓଡ଼ିଶା ମହିଳା ଦଳ ଫାଇନାଲ୍‌ରେ ରାଜସ୍ଥାନଠୁ ହାରି ଉପବିଜେତା ହୋଇଥିଲା।

ଦଳ ସହ ଓଡ଼ିଶା ହାମର ବଲ୍ ସଂଘର ଉପସଭାପତି ସୋମନାଥ ପଟ୍ଟନାୟକ ହିମାଚଳପ୍ରଦେଶ ଗସ୍ତ କରିଥିଲେ। ଦଳର ସଫଳତା ଲାଗି ଭାରତୀୟ ହାମର ବଲ୍ ସଂଗଠନର ବରିଷ୍ଠ ଉପସଭାପତି ରିଣ୍ଟୁ ମିତ୍ର, ରାଜ୍ୟ ସଭାପତି ପ୍ରଶାନ୍ତ ଦ୍ୱିବେଦୀ, ସଂପାଦିକା ରାଗିଣୀ ମିତ୍ର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସୂର୍ଯ୍ୟବଂଶୀଙ୍କୁ ଟିମ୍ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ ଆହୁରି ସମୟ ଲାଗିବ : ଭେଙ୍କଟପତି ରାଜୁ

**ନୂଆଦିଲ୍ଲୀ**

କ୍ରିକେଟ୍‌ର ନୂଆ ଉଦୀୟମାନ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ୍ ୨୦୨୫ ପରଠୁ ଲଗାତାର ଚର୍ଚ୍ଚାରେ ଅଛନ୍ତି। ସମସ୍ତ ପ୍ରଶଂସକ ବୈଭବଙ୍କୁ ଶୀଘ୍ର ଭାରତୀୟ ଦଳର ଜର୍ସିରେ ଦେଖିବାକୁ ଚାହାନ୍ତି। କିଛି ତ ତାଙ୍କର ତୁଳନା ମହାନ ବ୍ୟାଟର ସଚିନ ତେନ୍ଦୁଲକରଙ୍କ ସହ କରିଛନ୍ତି। ତେବେ ନିଜ ସମୟରେ ଖ୍ୟାତନାମା ସ୍ପିନର ରହିଥିବା ତଥା ପୂର୍ବତନ ଚୟନକର୍ତ୍ତା ଭେଙ୍କଟପତି ରାଜୁଙ୍କ କହିବା କଥା ସୂର୍ଯ୍ୟବଂଶୀଙ୍କୁ ଟିମ୍ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ ଆହୁରି ସମୟ ଲାଗିପାରେ। ସଚିନଙ୍କ ସହ ତୁଳନାକୁ ସେ ଅଯଥା ବୋଲି କହିଛନ୍ତି।




ବୈଭବ ବର୍ତ୍ତମାନ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ୍ ଦଳର ସଦସ୍ୟ ଏବଂ ଇଂଲଣ୍ଡ ଗସ୍ତରେ ଅଛନ୍ତି। ମାତ୍ର ୧୪ ବର୍ଷ ବୟସରେ ନିଜ ପ୍ରଦର୍ଶନ ବଳରେ କ୍ରିକେଟ୍ ଜଗତରେ ସେ ଚହଳ ପକାଇଛନ୍ତି। ଆଇପିଏଲ୍ ଇତିହାସରେ ଦ୍ୱିତୀୟ ଏବଂ ପ୍ରଥମ ଭାରତୀୟ ବ୍ୟାଟରଙ୍କ ଭାବେ ଦ୍ରୁତତମ ଶତକ ଅର୍ଜନ କରିଛନ୍ତି। ପୁଣି ୧୯ ବର୍ଷରୁ କମ୍ ଭାରତୀୟ ଦଳର ଅଭ୍ୟାସ ମ୍ୟାଚ୍‌ରେ ୯୦ ବଲ୍‌ରେ ୧୯୦ ରନର ଧୂଆଁଧାର ଇନିଂସ ଖେଳିଛନ୍ତି।

କ'ଣ ଭାରତୀୟ ଦଳରେ ସୂର୍ଯ୍ୟବଂଶୀଙ୍କୁ ଶୀଘ୍ର ସ୍ଥାନ ମିଳିପାରେ? ପୂର୍ବତନ ସ୍ପିନର ଭେଙ୍କଟପତି ରାଜୁଙ୍କୁ ଏମିତି ଲାଗୁନାହିଁ। ୨୦୦୭ ଟି-୨୦ ବିଶ୍ୱକପ୍ ବିଜେତା ଦଳର ଚୟନ କରିଥିବା ଚୟନକର୍ତ୍ତା ରାଜୁ କହିଛନ୍ତି, ବୈଭବଙ୍କୁ ଭାରତୀୟ ଦଳରେ ସ୍ଥାନ ପାଇବାକୁ ହେଲେ ଆହୁରି ସମୟ ଅପେକ୍ଷା କରିବାକୁ ପଡ଼ିବ।

ତାଙ୍କୁ ୧୯ ବର୍ଷରୁ କମ୍ ଭାରତୀୟ ଦଳରେ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଘରୋଇ କ୍ରିକେଟ୍‌ରେ ନିରନ୍ତର ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ୪ ଦିନିଆ ମ୍ୟାଚ୍‌ରେ ଭଲ ଖେଳିବାକୁ ପଡ଼ିବ। ଆମେ ତାଙ୍କୁ ସମୟ ଦେବା ଦରକାର। ତାଙ୍କ ପ୍ରତିଭାକୁ ଆମେ ସମସ୍ତେ ଦେଖି ସାରିଛନ୍ତି।

ସଚିନଙ୍କ ସହ ବୈଭବ ସୂର୍ଯ୍ୟବଂଶୀଙ୍କ ତୁଳନାକୁ ରାଜୁ ଉଚିତ୍ ମଣି ନାହାନ୍ତି। ଭାରତ ପାଇଁ ଖେଳିବା ପୂର୍ବରୁ ସଚିନ ତେନ୍ଦୁଲକରଙ୍କ ଘରୋଇ କ୍ରିକେଟ୍ ପ୍ରଦର୍ଶନ ବିଷୟରେ ଉଲ୍ଲେଖ କରିଛନ୍ତି ଭେଙ୍କଟପତି ରାଜୁ। ସେ କହିଛନ୍ତି, ଏହା ପ୍ରଦର୍ଶନର ନିରନ୍ତରତା ଉପରେ ନିର୍ଭର କରେ। ସଚିନ ରଣଜୀ ଟ୍ରଫିର ପଦାର୍ପଣ ମ୍ୟାଚ୍‌ରେ ଶତକ ହାସଲ କରିଥିଲେ। ଦୁଲୀପ ଟ୍ରଫିର ପଦାର୍ପଣରେ ବି ଶତକ ଅର୍ଜନ କରିଥିଲେ। ପୁଣି ଇରାନୀ ଟ୍ରଫିରେ ନିଜର ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିଥିଲେ। ତେଣୁ ଏବେ ବୈଭବଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଉଚିତ୍ ଯେ, ସେ ଘରୋଇ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ କରନ୍ତୁ।

# ବିସିସିଆଇ ଉପରେ ଗୁରୁତର ଅଭିଯୋଗ ଆଣିଲେ ଯୁବରାଜ ସିଂଙ୍କ ପିତା !

**ନୂଆଦିଲ୍ଲୀ**

୨୦୧୧ ବିଶ୍ୱକପ ଜିତିବା ପରେ, ଭାରତୀୟ କ୍ରିକେଟ ଦଳ ପରବର୍ତ୍ତୀ ଦୁଇ ବର୍ଷ ମଧ୍ୟରେ ଏକ ଅଶାନ୍ତ ପରିବର୍ତ୍ତନ ଦେଇ ଗତି କରିଥିଲା ଯେଉଁଠାରେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ବିଦେଶ ଟେଷ୍ଟ ସିରିଜରେ ୦-୪ ରେ ଦମଦାର ପରାଜୟ ବରଣ କରିଥିଲା। ଏହି ପରାଜୟ ପରେ, ଦଳକୁ ଚାମ୍ପିଅନ କରିଥିବା ଖେଳାଳିମାନଙ୍କୁ ଭାରତୀୟ ଦଳରୁ ବାହାର କରାଯାଇଥିଲା।

ସେତେବେଳେ ଚୟନକର୍ତ୍ତାମାନେ ଏମଏସ ଧୋନିଙ୍କୁ ଅଧିନାୟକ ପଦରୁ ହଟାଇବା ପାଇଁ ମଧ୍ୟ ନିଷ୍ପତ୍ତି ନେଇଥିଲେ, ଯେଉଁଥିରେ ପୂର୍ବତନ ଭାରତୀୟ ଅଲରାଉଣ୍ଡର ମୋହିନ୍ଦର ଅମରନାଥ ଚୟନ କମିଟିର ପ୍ରମୁଖ ସଦସ୍ୟମାନଙ୍କ ମଧ୍ୟରୁ ଜଣେ ଥିଲେ। ଏବେ ଏସବୁ ବିଷୟରେ ପୂର୍ବତନ ଭାରତୀୟ ଷ୍ଟାର କ୍ରିକେଟର ଯୁବରାଜ ସିଂହଙ୍କ ପିତା ଯୋଗରାଜ ସିଂହ ଅମରନାଥଙ୍କ ଚୟନ କମିଟି ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି।

ପ୍ରକୃତରେ, ଇନସାଇଡସ୍ପୋର୍ଟ ସହିତ କଥାବାର୍ତ୍ତା ସମୟରେ, ଯୁବରାଜ ସିଂହଙ୍କ ପିତା ଯୋଗରାଜ ସିଂହ କହିଛନ୍ତି, 'ତୁମେ (ବିସିସିଆଇ ଚୟନକର୍ତ୍ତା) ବିନା କାରଣରେ ଏହି ଖେଳାଳିମାନଙ୍କ କ୍ୟାରିୟର ନଷ୍ଟ କରିଦେଲ। ଗୌତମ ଗମ୍ଭୀର,



ଯୁବରାଜ ସିଂହ, ହରଭଜନ ସିଂହ, ଜାହିର ଖାନ, ମହମ୍ମଦ କୈଫ, ଭିଭିଏସ ଲକ୍ଷ୍ମଣ, ରାହୁଲ ଦ୍ରାବିଡ଼ଙ୍କ ଭଳି ଖେଳାଳି। ତୁମେ ୨୦୧୧ ପରେ ସେମାନଙ୍କୁ ଛାଡ଼ି ଦେଲ।' ଯୋଗରାଜ ଆହୁରି କହିଛନ୍ତି, '୨୦୧୧ ବିଶ୍ୱକପ ପରେ ତୁମେ ଦଳକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଲ। ୭ ଜଣ ଖେଳାଳିଙ୍କ କ୍ୟାରିଅର ବରବାଦ କରି ଦିଆଯାଇଥିଲା। ସେଥିପାଇଁ ଆମେ ସଂଘର୍ଷ କରୁଥିଲୁ।' ସୂଚନାଯୋଗ୍ୟ, ୨୦୧୧ ବିଶ୍ୱକପ ପରେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ବଡ଼ ସିରିଜରେ ଭାରତୀୟ ଦଳର ପରାଜୟ ପରେ, ଗମ୍ଭୀର, ଯୁବରାଜ, ଜାହିର ଏବଂ ହରଭଜନଙ୍କ ଭଳି ଖେଳାଳି ଧୀରେ ଧୀରେ ଜାତୀୟ ଦଳରୁ ବାହାର ହୋଇଗଲେ। ଅନ୍ୟପକ୍ଷରେ, ଦ୍ରାବିଡ଼ ଏବଂ ଲକ୍ଷ୍ମଣ ସେମାନଙ୍କର ଚମତ୍କାର ଟେଷ୍ଟ କ୍ୟାରିଅରକୁ ବିଦାୟ ଦେଇଥିଲେ। ୨୦୧୧ ବିଶ୍ୱକପ ବିଜୟୀ ଦଳର ପ୍ରମୁଖ ସଦସ୍ୟ ହେବା ସତ୍ତ୍ୱେ, ୨୦୧୫ ବିଶ୍ୱକପ ସୁଦ୍ଧା ଗମ୍ଭୀର, ଯୁବରାଜ, ଜାହିର ଏବଂ ହରଭଜନ ସମସ୍ତେ ଏକଦିବସୀୟ ଦଳରୁ ସମ୍ପୂର୍ଣ୍ଣ ଭାବରେ ବାହାର ହୋଇଯାଇଥିଲେ। ଯୋଗରାଜ ସିଂହ ଏସବୁ ପାଇଁ ମୋହିନ୍ଦର ଅମରନାଥଙ୍କୁ ଦାୟୀ କରିଥିଲେ। 'ଯେତେବେଳେ ଏମଏସ ଧୋନି ଅଧିନାୟକ ଥିଲେ ସେତେବେଳେ ଆମେ ପାଞ୍ଚଟି ସିରିଜ ହାରିଥିଲୁ ଏବଂ ତାଙ୍କୁ କୁହାଯାଉଥିଲା ଯେ ମୋହିନ୍ଦର ଅମରନାଥ ତାଙ୍କ ସ୍ଥାନ ନେବେ, କିନ୍ତୁ ଏହା କରିବାର ଉପାୟ ନଥିବା ସେ କହିଛନ୍ତି।

ପୂର୍ବରୁ ଅମରନାଥ କହିଥିଲେ ଯେ ସେହି ନିନ୍ଦନୀୟ ପରାଜୟ ପରେ ଧୋନିଙ୍କୁ ଅଧିନାୟକ ପଦରୁ ହଟାଇବା ପାଇଁ ପ୍ରସ୍ତୁତ ଥିଲା, କିନ୍ତୁ ତତ୍କାଳୀନ ବିସିସିଆଇ ସଭାପତି ଏନ. ଶ୍ରୀନିବାସନ ତାଙ୍କୁ ହଟାଇବା ବନ୍ଦ କରିଦେଇଥିଲେ। 'ଯେତେବେଳେ ଆପଣ ଜଣେ ବ୍ୟକ୍ତିଙ୍କୁ ସମ୍ମାନ କରନ୍ତି, ଆପଣ ପ୍ରଶ୍ନ ପଚାରନ୍ତି ନାହିଁ। କିନ୍ତୁ ମୋର ପ୍ରଶ୍ନ ହେଉଛି, ଯଦି ଆପଣଙ୍କର ଏକ ଚୟନ କମିଟି ଅଛି ଯାହା ଭାରତୀୟ କ୍ରିକେଟ ପାଇଁ ସର୍ବୋତ୍ତମ କ'ଣ ତାହା ଭାବୁଛି, ତେବେ ତାଙ୍କୁ କାହିଁକି ମୁକ୍ତ ହାତ ଦିଆଯିବ ନାହିଁ ? ଅମରନାଥ ୧୦୧୨ ମସିହାରେ ଏକ ନ୍ୟୁଜ୍ ଚ୍ୟାନେଲକୁ ଏହା କହିଥିଲେ।

# ମାଡ଼ି ଆସିଲାଣି ସମୁଦ୍ର ଭୟଭୀତ ହେଲେ ଗ୍ରାମବାସୀ

## ୫ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ



**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ସାନ ଆର୍ଯ୍ୟପଲ୍ଲୀ ସମୁଦ୍ର କୂଳ ଲଂଘୁଛି। ପୂର୍ବରୁ ସମୁଦ୍ର ବହୁ ଦୂରରେ ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୩୦ ମିଟର ସମୁଦ୍ର କୂଳ ଲଙ୍ଘିବା ଫଳରେ ଦୁଇଟି ମନ୍ଦିର ସମୁଦ୍ର ଭିତରେ ଲୀନ ହୋଇଯାଇଛି। ଏବେ ଆଉ ଏକ ମନ୍ଦିର ଲୀନହେବାକୁ ଯାଉଛି। ମଙ୍ଗଳବାର ଗଙ୍ଗାଦେବୀ ଓ ଠାକୁରାଣୀ ମନ୍ଦିର ଲୀନ ହୋଇଥିବା ବେଳେ ମା' ହରଚଣ୍ଡୀ ଠାକୁରାଣୀ ମନ୍ଦିର ଏବଂ ବିଶ୍ରାମାଗାର ମଧ୍ୟ ସମୁଦ୍ର ଆଁରେ ଲୀନ ହେବାକୁ ଯାଉଛି। ବର୍ତ୍ତମାନ ଶୁଖୁଆ ଶୁଖାଯିବା ପ୍ଲାଟଫର୍ମ ଠାରୁ ସମୁଦ୍ର ଆଉ ମାତ୍ର ଅଳ୍ପ ଦୂରରେ ରହିଛି। ଗାଁ ଠାରୁ ସମୁଦ୍ର ୫୦ ମିଟର ଦୂରରେ ରହିଥିବା ବେଳେ ବର୍ତ୍ତମାନ ୩୦ ମିଟର କୂଳ ଲଂଘଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଦିନକୁ ଦିନ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି। ଦୈନିକ ଜଳପତନ ବୃଦ୍ଧି ହେବା ସହ ସମୁଦ୍ରର ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡ଼ିଆସୁଥିବାରୁ ଗଞ୍ଜାମ ଜିଲ୍ଲାର ଅନେକ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳବାସୀ ତଥା ସମୁଦ୍ର କୂଳିଆ ପରିବାରମାନେ ଏବେ ଭୟଭୀତ ହୋଇପଡ଼ିବା ସହ ନାନା ଆଶଙ୍କାରେ ରହିଛନ୍ତି। ଜିଲ୍ଲା ସଦର ମହକୁମା ଛତ୍ରପୁର ବ୍ଲକ ଅନ୍ତର୍ଗତ ସାନ ଆର୍ଯ୍ୟପଲ୍ଲୀ ଗ୍ରାମରେ ସମୁଦ୍ର ଧୀରେଧୀରେ ସ୍ଥଳଭାଗ ଆଡ଼କୁ ମାଡ଼ିଆସୁଥିବା ଦେଖିବାକୁ ମିଳିଛି। ସମୁଦ୍ର ଅଶାନ୍ତ ରହିବା ସହ ଉଚ୍ଚ ଜୁଆର ମାଡ଼ି ଆସି ଧକ୍କା ଦେଉଛି। ଜୁଆର ଦିନରେ କମ୍ ଗର୍ଜନ କରୁଥିବା ବେଳେ ରାତିରେ ଅଧିକ ଗର୍ଜନ କରି କୂଳକୁ ବହୁ ମାତ୍ରାରେ ଖାଉଛି ବୋଲି ଅଞ୍ଚଳବାସୀ କହିଛନ୍ତି। ରାତିରେ ଶୋଇବା ବେଳେ ଭୟ ଲାଗୁଛି। ସମୁଦ୍ରର ଉଚ୍ଚ ଜୁଆର ଶବ୍ଦରେ ଶୋଇବା ପାଇଁ ନିଦ ଭୁଲି ଯାଉଛନ୍ତି ବୋଲି ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି। ଏପରିକି ଗତ ୩ ବର୍ଷ ମଧ୍ୟରେ ସମୁଦ୍ର ୨ କିଲୋମିଟର ଦୂରତା କୂଳ ଲଙ୍ଘିଥିବା ବେଳେ ଆଗାମୀ ଦିନରେ ସମୁଦ୍ର ଆସି ସମ୍ପୂର୍ଣ୍ଣ ଗ୍ରାମଟି ଲୀନ ହୋଇଯିବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ପଞ୍ଚାୟତବାସୀ କହିବା ଅନୁସାରେ ପୂର୍ବରୁ ସମୁଦ୍ର ଗ୍ରାମ ଠାରୁ ୨ କି.ମି ଦୂରରେ ଥିବା ବେଳେ ଏବେ ସମୁଦ୍ର ଆସ୍ତେ ଆସ୍ତେ ଗ୍ରାମର ନିକଟବର୍ତ୍ତୀ ହେବାରେ ଲାଗିଛି। ଗ୍ରାମ ଠାରୁ ଏବେ ସମୁଦ୍ର ଆଉ ମାତ୍ର ୩୦ ମିଟର ଦୂରରେ ରହିଛି। ଏଣୁ ଗ୍ରାମକୁ ସୁରକ୍ଷା ପ୍ରଦାନ କରିବା ଲାଗି ଗାର୍ଡ ୱେଲ ନିର୍ମାଣ କରିବାକୁ ଦାବି ହୋଇଛି। ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହେବା ସହ ଏଥିପାଇଁ ଗୋପାଳପୁର ବନ୍ଦରକୁ ଦାୟୀ କରୁଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୪ରୁ ୫ଦିନ ମଧ୍ୟରେ ବନ୍ଦର ସମ୍ମୁଖରେ ହଜାର ହଜାର ମତ୍ସ୍ୟଜୀବୀ ଧାରଣା ଦେବେ ବୋଲି ବୈଠକରେ ନିଷ୍ପତ୍ତି ନେଇଥିଲେ। ବୁଧବାର ଗ୍ରାମବାସୀ ମାନେ ଆସି ୫ ଦଫା ଦାବି ନେଇ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ମଧ୍ୟରୁ ପ୍ରଥମ ତଃ ବାତ୍ୟା ସମୟରେ ଅଶାନ୍ତ ସମୁଦ୍ରର ଢେଉ କୂଳ ନ ଲଂଘିବା ସକାଶେ ସମୁଦ୍ର ବେଳାଭୂମିରେ ତୁରନ୍ତ ପଥର ପାଚେରି ନିର୍ମାଣ କରାଯାଉ। ଦ୍ୱିତୀୟ ନଷ୍ଟ ହୋଇ ରହିଥିବା ଗୋପାଳପୁର ପୋର୍ଟର ଫିସେରି ଜେଟିର ପୁନରୁଦ୍ଧାର ଓ ପୂର୍ଣ୍ଣ ନିର୍ମାଣ କରି ଏହାକୁ ବର୍ଷ ତମାମ ଆମ୍ଭ ମତ୍ସ୍ୟଜୀବୀମାନଙ୍କ ଡଙ୍ଗା ରହିବା ପାଇଁ ଡ୍ରେଜିଂ କରାଯାଉ। ତୃତୀୟ ଦାବି ମତ୍ସ୍ୟଜୀବୀ ମାନଙ୍କୁ ଖରା, ବର୍ଷା, ଶୀତ ଓ ବାତ୍ୟା ଭଳି ପ୍ରମୁଖ ସାମୁଦ୍ରିକ ଝଡ଼, ଜାଲ ଓ ଡଙ୍ଗା ରହିବା ପାଇଁ ସମୁଦ୍ର କୂଳ ନିକଟରେ ଆଶ୍ରୟସ୍ଥଳୀ ସ୍ଥାପନ କରି ସେଥିରେ ପାନୀୟ ଜଳ, ଶୌଚାଳୟ ଓ ରାତ୍ର ସମୟରେ ଗ୍ରାମକୁ ଯିବା ରାସ୍ତାରେ ଲାଇଟ୍‌ର ବ୍ୟବସ୍ଥା କରାଯାଉ। ଚତୁର୍ଥ ଦାବି ପୁରୁଣା କାନ୍ଥଗୁଡ଼ିକୁ ଭଙ୍ଗା ଯାଇ ତାହାକୁ ସଫା କରାଯାଉ। ଆଉ ପଞ୍ଚମ ଦାବି ହେଲା ଚିହ୍ନଟ ହୋଇଥିବା ସ୍ଥାନରେ ତୁରନ୍ତ ଫିସେରି ଜେଟି ନିର୍ମାଣ କରାଯାଉ। ଯଦି ଆଗାମୀ ଦିନରେ ସେମାନଙ୍କ ଦାବି ପୂରଣ ନ ହେଲେ ଗୋପାଳପୁର ପୋର୍ଟ ସମ୍ମୁଖରେ ଧାରଣା ଦେବେ ବୋଲି ପଞ୍ଚାୟତବାସୀ କହିଛନ୍ତି। ସେଥିମଧ୍ୟରୁ ସରପଞ୍ଚ ତ୍ରିଲୋଚନ ବେହେରା, ଧର୍ମରାଜୁ, ଜି. ଏରେୟା, କେ. ଦାଶରଥି, ବି. ଭୀମସେନ, ଏମ. ଦିଲୀପ ଓ ଏନ୍. ଦିନବନ୍ଧୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL** B-219
Email – eedklpwd@gmail.com
**INVITATION FOR BIDS THROUGH e-Prócurement**

Bid Identification No. SE DKL (R&B). 10/ 2025-26
Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 8 No Civil works |
| 3. | No. of work | : | 08 Nos. |
| 4. | Bid Cost. | : | ₹ 6,000/- & ₹ 4,000/- |
| 5. | Class of Contractor | : | 'B", "C' & 'D' License |
| 6. | Availability of Bid Documents in the website | : | From 10.00 AM of 20.06.2025 to 5.00 PM of 04.07.2025 |
| 7. | Date of Opening of Bid | : | Dt. 05.07.2025 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd/- Superintending Engineer
Dhenkanal (R&B) Division
OIPR-34016/11/0048/2526

# ବଡି ବିଲ୍ଡିଂ ପାଇଁ ରଞ୍ଜନଙ୍କୁ ରୋକି ପାରିନି ଦାରିଦ୍ର୍ୟ

**ଭୁବନେଶ୍ୱର**

ଦାରିଦ୍ର୍ୟର ପ୍ରତିବନ୍ଧକ ତାଙ୍କ ସ୍ୱପ୍ନ ପଥରେ ବାଧକ ସାଜି ପାରିନାହିଁ। ବହୁ ବାଧାବିପତ୍ତି ଆସିଥିଲେ ବି ସେ ଲକ୍ଷ୍ୟ ସହ ସାଲିସ କରିନାହାନ୍ତି। ନିଷ୍ଠା ଓ ସଙ୍କଳ୍ପ ତାଙ୍କୁ ସଫଳତା ଦିଗରେ ଅଗ୍ରସର କରାଇଛି। ମା'ଙ୍କୁ ହରାଇବାର ଦୁଃଖ ଭିତରେ ବାପାଙ୍କ ପାଇଁ ସେ ବୋଝ ହୋଇନାହାନ୍ତି, ବରଂ ତିନି ଭଉଣୀଙ୍କ ବୋଝକୁ ନିଜ କାନ୍ଧରେ ନେଇଛନ୍ତି। ଏସବୁ ସଂଘର୍ଷ ଭିତରେ ପିଲାଟି ଦିନରୁ ବଡି ବିଲ୍ଡିଂରେ ସଫଳତା ପାଇବାକୁ ସ୍ୱପ୍ନ ଦେଖିଥିବା ରଞ୍ଜନ ନାୟକ ନିଜ ଖେଳ ଜୀବନକୁ ଠିକଣା ପଥରେ ପରିଚାଳିତ କରି ସଫଳତା ସାଉଁଟୁଛନ୍ତି।

ଓଡ଼ିଶାରେ ବଡି ବିଲ୍ଡିଂ ତଥା ସୁନ୍ଦର ସ୍ୱାସ୍ଥ୍ୟ କ୍ରୀଡ଼ାର ବେଶ୍ ଆଦର ରହିଛି। ବହୁ ପୁରଣା ଦିନରୁ ବି ଓଡ଼ିଶା ଖେଳାଳି ମିଷ୍ଟର୍ ଇଣ୍ଡିଆ ମୁକୁଟ ଜିତିବାର ଏକାଧିକ ଉଦାହରଣ ଅଛି। ଏବେ ବି ଓଡ଼ିଶାର ବଡି ବିଲ୍ଡର ଏସୀୟ ଓ ବିଶ୍ୱ ପ୍ରତିଯୋଗିତାରେ କୀର୍ତ୍ତି ଅର୍ଜନ କରୁଛନ୍ତି। ଏଭଳି ସଫଳତାକୁ ଦେଖି ଓଡ଼ିଶା ସରକାର ବଡି ବିଲ୍ଡିଂକୁ 'ସ୍ୱୀକୃତିପ୍ରାପ୍ତ ଖେଳ'ର ମାନ୍ୟତା ଦେଇଛନ୍ତି। କେବଳ ଏତିକି ନୁହେଁ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନ ଆଧାରରେ ବି ସେମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବା ଏହି ଖେଳକୁ ଅଧିକ ପ୍ରୋତ୍ସାହିତ କରିଛି। ଏହି ପ୍ରୋତ୍ସାହନରେ ଉତ୍ସାହିତ ହୋଇ ବଡି ବିଲ୍ଡିଂକୁ କ୍ୟାରିୟର୍ କରିବାକୁ ଆଗେଇ ଆସିଛନ୍ତି ରଞ୍ଜନ ନାୟକ। ଯାଜପୁର ଜିଲ୍ଲା କୁନ୍ଦପାଟଣା ନିକଟସ୍ଥ ଚାନ୍ଦମୋହିନୀ ଗାଁର ସୁବନ ନାୟକ ଓ ସସ୍ମିତା ନାୟକଙ୍କର ସେ ଏକମାତ୍ର ପୁଅ। ଆତ୍ମନିର୍ଭରଶୀଳ ହେବା ପୂର୍ବରୁ ମା'ଙ୍କୁ ହରାଇ ବସିବା ପରେ ରଞ୍ଜନଙ୍କ ଉପରେ ପଡ଼େ ଦୁଃସ୍ଥ ବାପା ଓ ୩ ଭଉଣୀଙ୍କ ବୋଝ। ତଥାପି ଦବି ଯାଆନ୍ତିନି ରଞ୍ଜନ। ପରିବାରର ଦୁର୍ବଳ ଆର୍ଥିକ ସ୍ଥିତି ତାଙ୍କ ମାନସିକ ଦୃଢ଼ତା ଆଗରେ ହାର ମାନେ। କ୍ୟାଣ୍ଟିନ୍ ପରିଚାଳନା ଓ କାର ସୋ'ରୁମ୍‌ରେ ସାମୟିକ ଚାକିରି ଜରିଆରେ ହେଉଥିବା ଆୟରେ ଦୁଇ ଭଉଣୀଙ୍କ ବିବାହ କରାଇ ସାରିଛନ୍ତି। ଏସବୁ ଭିତରେ ବି ନିଜର ପ୍ରଥମ ପ୍ରେମ ବଡି ବିଲ୍ଡିଂକୁ ଜାବୁଡ଼ି ଧରି ସଫଳତାର ପାହାଚ ଚଢୁଛନ୍ତି ରଞ୍ଜନ।

ନିଜ ସଂଘର୍ଷ ଓ ସଫଳତାର କାହାଣୀ ବଖାଣି ରଞ୍ଜନ କହନ୍ତି, ''ପିଲାଟି ଦିନରୁ ବଡି ବିଲ୍ଡିଂ ପ୍ରତି ମୋର ଅହେତୁକ ଦୁର୍ବଳତା ଥିଲା। ଯୁକ୍ତ ଦୁଇ ପଢ଼ିବା ପରେ ମୁଁ ଆଇଟିଆଇ କରିବାକୁ କଟକ ଚାଲି ଆସିଲି। ଆର୍ଥିକ ସମସ୍ୟା ସତ୍ତ୍ୱେ ମୁଁ ସେଠାରେ ବଡି ବିଲ୍ଡିଂ



ପ୍ରତି ଆକର୍ଷିତ ହୋଇ ଜିମ୍‌ରେ ଯୋଗ ଦେଇଥିଲି। ଘର ଅବସ୍ଥା ଭଲ ନଥିବାରୁ କଟକରେ ଚଳିବା ଲାଗି କ୍ୟାଟରିଂ ବଏ ଭାବେ କାମ କଲି। ଭୁବନେଶ୍ୱର ଆସିବା ପରେ ମୋର ବଡି ବିଲ୍ଡିଂର ଅନ୍ୟତମ ସଫଳ ଖେଳାଳି ତଥା ପ୍ରଶିକ୍ଷକ ରଶ୍ମିରଂଜନ ସାହୁଙ୍କ ସହ ସାକ୍ଷାତ ହେଲା। ତାଙ୍କ ଦିଗ୍‌ଦର୍ଶନ ଓ ସମର୍ଥନ ମିଳିବା ପରେ ମୁଁ ରାଜ୍ୟସ୍ତରରେ ପଦକ ଜିତିବା ସହ ଜାତୀୟସ୍ତରର ପ୍ରତିଯୋଗିତାରେ ବି ଅଂଶଗ୍ରହଣ କରିଛି। ଓଡ଼ିଶା ବଡି ବିଲ୍ଡିଂ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ ଓ ସମ୍ପାଦକ ପ୍ରସନ୍ନ ମୁହାସୁଆରଙ୍କ ସମର୍ଥନ ବି ମୋତେ ଆଗକୁ ବଢ଼ିବାକୁ ଦେଇଛି। କଳିଙ୍ଗ ଫିଟ୍‌ନେସ୍ ଜିମ୍ନାସିୟମ୍‌ର ସତ୍ତ୍ୱାଧିକାରୀ ଜିତେଶ ସାରଙ୍କ ସମର୍ଥନ ଓ ସରକାରଙ୍କଠାରୁ ପ୍ରୋତ୍ସାହନ ବି ପାଇଛି। ମୁଁ ନିଶ୍ଚୟ ରାଜ୍ୟ ପାଇଁ ଦିନେ ଅନ୍ତର୍ଜାତୀୟ ପଦକ ଜିତିବି।''

ସୂଚନାଯୋଗ୍ୟ, ୨୦୧୮ରୁ ବଡି ବିଲ୍ଡିଂ କରୁଥିବା ରଞ୍ଜନ ଦୁଇ ଥର ମିଷ୍ଟର୍ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ, ରାଜ୍ୟସ୍ତରୀୟ ବିଜୁ କଳିଙ୍ଗ ପୁତ୍ରରେ ଦ୍ୱିତୀୟ ସ୍ଥାନ, ଜିଲ୍ଲାସ୍ତରୀୟ 'ଭୁବନେଶ୍ୱର କୁମାର' ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ କଳିଙ୍ଗ କୁମାର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତୃତୀୟ ହୋଇପାରିଛନ୍ତି। ଲକ୍ଷ୍ନୌରେ ଅନୁଷ୍ଠିତ ମିଷ୍ଟର୍ ଇଣ୍ଡିଆ ଫେଡେରେସନ୍ କପ୍ ବଡି ବିଲ୍ଡିଂରେ ଅଂଶଗ୍ରହଣ କରି ଶୀର୍ଷ ୧୦ ଭିତରରେ ସ୍ଥାନ ପାଇଛନ୍ତି। ଏଯାବତ୍ ବିଶେଷ ବଡ଼ ସଫଳତା ପାଇ ନଥିଲେ ମଧ୍ୟ ରଞ୍ଜନଙ୍କ ଭବିଷ୍ୟତକୁ ନେଇ ଢେର ଆଶାବାଦୀ ତାଙ୍କ ପ୍ରଶିକ୍ଷକ ରଶ୍ମିରଂଜନ ସାହୁ। ସେ କହନ୍ତି, ''ରଞ୍ଜନଙ୍କୁ ଆର୍ଥିକ ଅନଟନ ରୋକିପାରିନାହିଁ। ବଡି ବଲ୍ଡିଂରେ ତା' ଭବିଷ୍ୟତ ନିଶ୍ଚିତ ଭାବେ ଉଜ୍ଜ୍ୱଳ ବୋଲି ମୁଁ କହିବି। ସେ ଏଇମାତ୍ର ଆରମ୍ଭ କରିଛି। ପ୍ରତିଭାବାନ୍ ଓ ପରିଶ୍ରମୀ ହୋଇଥିବାରୁ କ୍ୟାରିୟରରେ ସେ ଆଗକୁ ଯିବ। କଳିଙ୍ଗ ଜିମ୍ ଓ କଳିଙ୍ଗ ଷ୍ଟାଡିୟମ୍ ଜିମ୍‌ରେ ଅସ୍ଥାୟୀ ଚାକିରି କରି ସେ ବଡି ବିଲ୍ଡିଂ କରୁଛି। କେବଳ ପ୍ରାୟୋଜକ ଯୋଗାଡ଼ ହୋଇପାରିଲେ ସେ ଆହୁରି ଆଗକୁ ବଢ଼ିପାରନ୍ତା।''

# ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ସାମଗ୍ରୀକ ଉପଲବ୍ଧି

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିକାଶ ଏବଂ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଏଯାବତ୍ ସମୁଦାୟ ୧୬୭ ଗୋଟି ଆବାସିକ ବିଦ୍ୟାଳୟ ରହିଛି ତନ୍ମଧ୍ୟରୁ ୧୩ ଗୋଟି ଏକଲବ୍ୟ ଆବାସିକ ବିଦ୍ୟାଳୟ ରହିଛି। ଯେଉଁଠି ୨୦୨୪-୨୫ ବର୍ଷରେ ସମୁଦାୟ ୪୯୦୪୭ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ଜିଲ୍ଲାରେ ସମୁଦାୟ ୮୮୩ ସଂଖ୍ୟକ ହଷ୍ଟେଲ ରହିଛି ଯେଉଁଠି ମୋଟ ୭୬୪୫୨ ସଂଖ୍ୟକ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀ ରହି ମାଗଣାରେ ପାଠ ପଢିବା ସହିତ ଅନ୍ୟାନ୍ୟ ମୌଳିକ ସୁବିଧା ପାଉଛନ୍ତି। ଗ୍ରହଣ କ୍ଷମତାକୁ ସୁଦୃଢ଼ କରିବା ପାଇଁ ସରକାର ୨୦୨୫-୨୬ ମଧ୍ୟରେ ୬୮ଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ମଞ୍ଜୁର ହୋଇଛି। ଏତଦ୍‌ବ୍ୟତୀତ ସଂଖ୍ୟା ଲଘୁ ସମ୍ପ୍ରଦାୟ ପାଇଁ ସରକାର ୦୩ଟି ବହୁମୁଖୀ ସମ୍ପ୍ରଦାୟ କେନ୍ଦ୍ର ଅନୁମୋଦିତ ହୋଇଛି ଯାହା ନିର୍ମାଣ ନିମନ୍ତେ ପ୍ରସ୍ତୁତି ଅବ୍ୟାହତ ରହିଛି। ଚଳିତ ବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା- ୨୦୨୫ ରେ ୩୩୦୪ ଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଓ ୯୯.୫୭ ପ୍ରତିଶତ କୃତକାର୍ଯ୍ୟ ହେଇଛନ୍ତି। ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ଏକଲବ୍ୟ ଆବାସିକ ବିଦ୍ୟାଳୟ ଦଶମ ସିବିଏସଇ ପରୀକ୍ଷା-୨୦୨୫ରେ ୯୮.୨୪ ପ୍ରତିଶତ କୃତକାର୍ଯ୍ୟ ହେଇଛନ୍ତି। ଇଏମଆରଏସ, ବହଳଦାର ରାମଚନ୍ଦ୍ର ହାଂସଦା ୯୪.୮ ପ୍ରତିଶତ ନମ୍ବର ରଖି ଏହି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ସମୁଦାୟ ୬୨ ଜଣ ହିତାଧିକାରୀ ପଞ୍ଜିକୃତ ହୋଇଛନ୍ତି ତନ୍ମଧ୍ୟରୁ ୩୬ ଜଣଙ୍କୁ ମୋଟ ୪୬,୭,୫୦୦୦ ଟଙ୍କା ପ୍ରଦାନ କରାଯାଇଛି। ସାମାଜିକ ସମନ୍ୱୟ ଏବଂ ଅସ୍ପୃଶ୍ୟତା ଦୂରୀକରଣ ପାଇଁ ହିନ୍ଦୁ ସମ୍ପ୍ରଦାୟ ଏବଂ ଅନୁସୂଚିତ ଜାତି ମଧ୍ୟରେ ଆନ୍ତଃଜାତି ବିବାହ ପାଇଁ ପ୍ରତି ଆନ୍ତଃଜାତି ବିବାହିତ ଦମ୍ପତିଙ୍କ ପାଇଁ ୨,୫୦,୦୦୦/- ଟଙ୍କା ନଗଦ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି କେନ୍ଦ୍ର ପ୍ରାୟୋଜିତ ଯୋଜନା ଅଧୀନରେ ମୟୂରଭଞ୍ଜ ଜିଲ୍ଲାରେ ଏଯାବତ ସମୁଦାୟ ୧୫୪୯୫ ଜଣ ଛାତ୍ରବୃତ୍ତି ପାଇଛନ୍ତି। ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି କେନ୍ଦ୍ର ପ୍ରାୟୋଜିତ ଯୋଜନା ଅଧୀନରେ ମୟୂରଭଞ୍ଜ ଜିଲ୍ଲାରେ ଏଯାବତ ସମୁଦାୟ ୪୬୯୦୪ ଜଣ ଛାତ୍ର ବୃତ୍ତି ପାଇଛନ୍ତି। ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା ଅଧୀନରେ ମୟୂରଭଞ୍ଜ ଜିଲ୍ଲାରେ ଏଯାବତ୍ ସମୁଦାୟ ୬୩ ଜଣ ଛାତ୍ର ବୃତ୍ତି ପାଇଛନ୍ତି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ମୟୂରଭଞ୍ଜ ଜିଲ୍ଲାରେ ଏଯାବତ ସମୁଦାୟ ୫୧ ଜଣ ଛାତ୍ର ବୃତ୍ତି ପାଇଛନ୍ତି। ସହିଦ ମାଧ ସିଂ ହାତ ଖର୍ଚ୍ଚ ଯୋଜନା ଅଧୀନରେ ମୟୂରଭଞ୍ଜ ଜିଲ୍ଲାରେ ଏଯାବତ୍ ସମୁଦାୟ ୨୫୮୬୬ ଜଣ ଛାତ୍ର ବୃତ୍ତି ପାଇଛନ୍ତି। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ବିକାଶ ପାଇଁ ୧୧୨୮.୦୦ ଲକ୍ଷ ଟଙ୍କାର ପାଣ୍ଠି ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ମୋଟ ୧୧ଟି ବ୍ଲକ ଅନ୍ତର୍ଗତ ୩୨ଗୋଟି ଗ୍ରାମରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଏସ୍‌ଟି ଏବଂ ଏସ୍‌ସି ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ, ୨୦୧୫-୧୬ ରୁ ଏଏନଡବ୍ଲୁଏସଏଚଏ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ଛାତ୍ରଛାତ୍ରୀମାନଙ୍କୁ ବିନା ମୂଲ୍ୟରେ ଜିଲ୍ଲାରେ ସହରାଞ୍ଚଳରେ ଥିବା ସର୍ବୋତ୍ତମ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ (୨୪ଟି) ସିବିଏସଇ/ ଆଇସିଏସଇ ପାଠ୍ୟକ୍ରମରେ ଆବାସିକ ସୁବିଧା ସହିତ ମୌଳିକ ସୁବିଧା ଯୋଗାଇଦେଇ ମୋଟ ୨୨୭୦ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ ଅନୁସୂଚିତ ଜାତିର ଉପାଦାନ ଯୋଜନା ଯେପରିକି ବ୍ୟାଙ୍କଯୋଗ୍ୟ ଆୟ ସୃଷ୍ଟିକାରୀ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଜାରି କରାଯାଇଛି। ଅର୍ଥାତ୍ କୃଷି, ଉଦ୍ୟାନ କୃଷି, ମତ୍ସ୍ୟପାଳନ, ଗ୍ରାମ ଏବଂ କ୍ଷୁଦ୍ର ଶିଳ୍ପ, ପଶୁପାଳନ ଇତ୍ୟାଦି ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଋଣ ଉପରେ ଅନୁସୂଚିତ ଜାତିର ହିତାଧିକାରୀ ମାନଙ୍କୁ ସବସିଡି ପ୍ରଦାନ କରାଯାଉଛି।

ଓଡ଼ିଶା

ଭୁବନେଶ୍ୱର
୧୯ ଜୁନ୍,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀଜୀଉଙ୍କ ରଥରେ ଉଠିଲା ଖପୁରି

**ପୁରୀ, ୧୮/୦୬ ନ୍ୟୁଜ ବ୍ୟୁରୋ**



ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି । ମହାରଣା ଓ ଭୋଇ ସେବକଙ୍କ ଦ୍ୱାରା ବୁଧବାର ତେର ପରସ୍ତ ପୋଟଳ ସହ ଖପୁରି ପଡ଼ିଛି । ମଙ୍ଗଳବାର ସୁଦ୍ଧା ତିନି ଭୂଇଁରେ କଇଁଚି ସହ ଅନ୍ଧାରୀ ଡାଗ ବାଡ଼ିଆ ଶେଷ ହୋଇଥିଲା । ଏଥିସହ ତିନି ରଥର ପୋଟଳ ସମେତ ପାରା ଭାଡ଼ି ଓ ଖପୁରିର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ପାରାଭାଡ଼ି ଉଠିଥିଲା । ରଥର ଉପର ପାର୍ଶ୍ୱ ମୁହଁ ବନ୍ଦ କରୁଥିବା ଖପୁରି ସଂଯୋଗ ହୋଇଥିଲା । ଏହା ଉପରେ କଳସ ଡାଙ୍ଗିଆ ମଧ ଉଠିଛି । କଳସ ଡାଙ୍ଗିଆ ଉପରେ କଳସ ରହିଥାଏ । ତେଣୁ ଏହା ଉଠିବା ପରେ ମହାରଣା ସେବକମାନେ କଣ୍ଟା ବାଡ଼େଇ ସାଇଜ କରି ଏହାକୁ ସେଟିଂ କରିଛନ୍ତି । ବେଦି ସିଂହାସନ ପାଇଁ ଜଗତପୃଷ୍ଠ ସେଣି ରଥ ଉପରକୁ ଉଠିଛି । ଏଥିସହ ସେଣି କଡ଼ରେ ବାହୁଟ ଫାଳିଆ ଦିଆଯାଇଛି । ୪ଟି ଚନ୍ଦ୍ରଶାଳୀ ନିର୍ମାଣ ସରିଛି । ପ୍ରଭା କାମ ଏବଂ ଦୁଆର ବେଢ଼ା କାମ ଆରମ୍ଭ ହେବ ବୋଲି ରଥଖଳାରୁ ସୂଚନା ମିଳିଛି । ଖପୁରି ପଡ଼ିବା ପରେ ବୁଧବାର ୬ ନମ୍ବର ହରିବୋଲ ପଡ଼ିଥିଲା । ରୂପକାର ସେବକମାନେ ତିନି ରଥର ପଟା ଗୁଜଗୁଡ଼ିକରେ ନର ବିରାଳ, ଗଜ ବିରାଳ ରୂପ ଖୋଦେଇ ଚାଲୁ ରଖିଛନ୍ତି । ୩୪ ଜଣ ଚିତ୍ରକର ସେବକମାନେ ରଥ ପାର୍ଶ୍ୱ ଦେବାଦେବୀମାନଙ୍କ ମୂର୍ତ୍ତିରେ ରଙ୍ଗ କାର୍ଯ୍ୟ ଚାଲୁ ରଖିଛନ୍ତି । ତିନି ରଥର ବାହ୍ୟ ଅଂଶ କୋଣ ଗୁଜ, ପଟାଗୁଜ, ଚକ ଆଦିରେ ପ୍ରାଇମର ଦେବା ପରେ ରଙ୍ଗ କାର୍ଯ୍ୟ ଚାଲିଛି । ଦରଜୀ ସେବକମାନେ ରଥର କନା କଟିଂ ପରେ ବତା କନାରେ ବିଳାସ ପଟି, ଲେସ୍ ପକା କାର୍ଯ୍ୟ ଜାରି ରଖିଛନ୍ତି ।

# ୟୁପିଆଇ ମାଧ୍ୟମରେ ମହାପ୍ରଭୁଙ୍କୁ ଦାନ କରିପାରିବେ ଭକ୍ତ

**ପୁରୀ, ୧୮/୦୬ ନ୍ୟୁଜ ବ୍ୟୁରୋ**



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଡୋନେସନ ସେଲ ଗଠନ କରାଯାଇଛି । ଯେଉଁ ଭକ୍ତ ମାନେ ଚାହିଁବେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟର ହୋଇଥିବା ନୂଆ ଡୋନେସନ ସେଲ ଗୃହକୁ ଯାଇ ଉଭୟ ଅଫ ଲାଇନ୍ ଓ ୟୁପିଆଇ ଦ୍ୱାରା ମହାପ୍ରଭୁଙ୍କୁ ଦାନ କରିପାରିବେ । ଏହି ସ୍ୱତନ୍ତ୍ର ଡୋନେସନ ସେଲରେ ଇ-ହୁଣ୍ଡି ସ୍ଥାପନ କରାଯିବ । ଏନେଇ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମୀକ୍ଷା କରିଛନ୍ତି । ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ସ୍ୱତନ୍ତ୍ର ଡୋନେସନ ସେଲ ଗୃହ ଖୋଲିବ । ଏନେଇ ସବୁ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରତିକ୍ରିୟାରେ କହିଛନ୍ତି, 'ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କୁ ଦାନ କରିବା ପାଇଁ ହୁଣ୍ଡି ବ୍ୟବସ୍ଥା ରହିଛି । ଜଣେ ଭକ୍ତ ୟୁପିଆଇ ମାଧ୍ୟମରେ ଯଦି ଅର୍ଥ ଦାନ କରିବା ପାଇଁ ଚାହିଁବେ ତାହା ସମ୍ଭବ ନୁହେଁ । କାରଣ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ନେବା ନିଷିଦ୍ଧ ରହିଛି । ସେଥି ପାଇଁ ଆମେ ଶ୍ରୀମନ୍ଦିର ବାହାରେ ଏକ ଡୋନେସନ ସେଲର ବ୍ୟବସ୍ଥା କରାଇଛୁ । ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟକୁ ଲାଗି ଏହି ସେଲ ରହିବ । ଏହି ସେଲକୁ ଜଣେ ଭକ୍ତ ଆସି ଦାନ ଦେବା ପରେ ରସିଦ ନେଇ ପାରିବେ । ଯଦି କେହି ଭକ୍ତ ୟୁପିଆଇ, ଡେବିଟ କାର୍ଡ, କ୍ରେଡିଟ କାର୍ଡ ମାଧ୍ୟମରେ ଅର୍ଥ ଦାନ କରିବା ପାଇଁ ଚାହିଁବେ ସେ ନେଇ ମଧ ବ୍ୟବସ୍ଥା ରହିବ । ଏହି ଇ-ହୁଣ୍ଡି ତଥା ଡିଜିଟାଲ ହୁଣ୍ଡି ନେଇ ରାଜ୍ୟ ସରକାର ଘୋଷଣା କରି ସାରିଛନ୍ତି ।' ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆହୁରି ମଧ କହିଛନ୍ତି, 'ଶ୍ରୀମନ୍ଦିର ପାଇଁ ଡିଜିଟାଲ ହୁଣ୍ଡି ତଥା ଇ-ହୁଣ୍ଡିର ସ୍ଥାପନ କରାଯିବ । ଆମ ପାଖରେ ଯାହା ସୂଚନା ଅଛି ପ୍ରଧାନମନ୍ତ୍ରୀ ଏହି ଇ-ହୁଣ୍ଡିକୁ ଉଦ୍‌ଘାଟନ କରିବେ । ସେଥିପାଇଁ ଆମେ ସବୁ ପ୍ରସ୍ତୁତି କରିଛୁ । ଆଗାମୀ ଦିନରେ ପୁରୀ ସହରରେ ଥିବା ଏଟିଏମ୍ ଗୁଡ଼ିକରେ ମଧ ଶ୍ରୀମନ୍ଦିର ପ୍ରଶାସନକୁ ଭକ୍ତ ଦାନ ଦେବା ପାଇଁ ସବୁ ବ୍ୟାଙ୍କ ପକ୍ଷରୁ ବ୍ୟବସ୍ଥା ପାଇଁ ଆମେ ଅଲୋଚନା କରିବୁ । ତେବେ ଡିଜିଟାଲ ପେମେଣ୍ଟ ହେବାକୁ ଥିବାରୁ ଆମେ ଏହାର ସାଇବର ସୁରକ୍ଷା ଉପରେ ବେଶୀ ଗୁରୁତ୍ୱ ଦେଇଛୁ । ନହେଲେ ସାଇବର ଅପରାଧୀ ମାନେ ଠକେଇ କରିବାର ଆଶଙ୍କା ରହିଛି । ଏଥି ପାଇଁ ସରକାରଙ୍କ ଆଇଟି ବିଭାଗ ପକ୍ଷରୁ ସବୁ ସୁରକ୍ଷା ବ୍ୟବସ୍ଥା କରାଯାଉଛି । ଏଥି ସହିତ ଏକ ସ୍ମରଣିକା କେନ୍ଦ୍ର ରହିବ । ଯେଉଁଠି କି ଜଗନ୍ନାଥ୍ ମହାପ୍ରଭୁଙ୍କ ସମ୍ପର୍କିତ ଜିନିଷ ଭକ୍ତଙ୍କୁ ବିକ୍ରି କରାଯିବ । ''ଭକ୍ତଙ୍କ ପାଇଁ ଏକ ବ୍ୟାଖ୍ୟାନ କେନ୍ଦ୍ର କରାଯିବା ନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି । ଡୋନେସନ ସେଲ ନିକଟରେ ଭକ୍ତଙ୍କ ପାଇଁ ଏକ ପ୍ରତୀକ୍ଷା ଗୃହ ରହିବ । ସେଠାରେ ଭକ୍ତମାନେ ବସିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ରଖାଯିବ । ଶ୍ରୀମନ୍ଦିରରୁ ବାହାରୁଥିବା ପୁରୁଣା କବାଟ ଗୁଡ଼ିକୁ ମ୍ୟୁଜିୟମରେ ରଖାଯିବା ବ୍ୟବସ୍ଥା ହେଉଛି । ମଶାଣିଚଣ୍ଡୀ ମନ୍ଦିର ନିକଟରେ ରଥ ସାମଗ୍ରୀ ରଖିବା ପାଇଁ ଏକ ଗୋଦାମ ନିର୍ମାଣ କରୁଛୁ । ପୂର୍ବରୁ ରଥଯାତ୍ରା ସରିଲା ପରେ ରଥରୁ ବାହାରୁଥିବା ବିଭିନ୍ନ ସାମଗ୍ରୀ ଗୁଣ୍ଡିଚା ମନ୍ଦିର ଭିତରେ ଖୋଲା ଆକାଶ ତଳେ ରହୁଥିଲା । ଫଳରେ ଅନେକ ଜିନିଷ ନଷ୍ଟ ହୋଇ ଯାଉଥିଲା । ତେବେ ନୂଆ ରଥ ଗୋଦାମରେ ସବୁ ଜିନିଷ ସୁରକ୍ଷିତ ଭାବରେ ରହି ପାରିବ । ରଥ ନିର୍ମାଣ ପାଇଁ ଆସିଥିବା ବଳକା କାଠକୁ ଆମେ ସେହି ଗୋଦାମରେ ରଖି ପାରିବୁ । ରଥ ସାରଥୀ ଠାରୁ ଆରମ୍ଭ କରି ରଥ ସାମଗ୍ରୀ ଭଲରେ ରହିପାରିବ' ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ।

# ଏଥର ବିନା ପରିଚାଳନା କମିଟିରେ ଘୋଷଯାତ୍ରା !

**ପୁରୀ, ୧୮/୦୬**
**ନ୍ୟୁଜ ବ୍ୟୁରୋ**



୯ ମାସରୁ ଅଧିକ ହେଲାଣି କାର୍ଯ୍ୟକାଳ ସରିଲାଣି । ମୁଣ୍ଡ ଉପରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା, ହେଲେ ଏଯାଏଁ ଗଠନ ହୋଇପାରୁନି ନୂଆ ଶ୍ରୀମନ୍ଦିର ପରିଚାଳନା କମିଟି । ଯାହାକୁ ନେଇ ଗଭୀର ଅସନ୍ତୋଷ ବ୍ୟକ୍ତ କରିବା ସହ କମିଟି ଗଠନରେ ଏତେ ବିଳମ୍ବ ବୋଧେ ଇତିହାସରେ ପ୍ରଥମ ବୋଲି କହିଛନ୍ତି ଖୋଦ୍ ଗଜପତି ମହାରାଜା ଦିବ୍ୟସିଂହ ଦେବ । ସେବାୟତ ଓ ପୂର୍ବତନ ପରିଚାଳନା କମିଟି ସଦସ୍ୟ ମଧ ଏନେଇ ଚିନ୍ତାବ୍ୟକ୍ତ କରିଥିବା ବେଳେ ଆଇନମନ୍ତ୍ରୀ କିନ୍ତୁ ବିଳମ୍ବ ପାଇଁ କୋର୍ଟଙ୍କ ଆଳ ନେଇଛନ୍ତି । ଶ୍ରୀମନ୍ଦିରର ସୁପରିଚାଳନାକୁ ନେଇ କେତେ ତତ୍ପର, କେତେ ଚିନ୍ତିତ ରାଜ୍ୟ ସରକାର ? ଆଗକୁ ଘୋଷଯାତ୍ରା, ବାହୁଡ଼ା, ନୀଳାଦ୍ରି ବିଜେ ଭଳି ଠାକୁରଙ୍କ ବିଶ୍ୱପ୍ରସିଦ୍ଧ ଯାନିଯାତ୍ରା ଅଛି । କିନ୍ତୁ ନୀତି ନିର୍ଘଣ୍ଟଠୁ ନେଇ ଏସବୁ ପରିଚାଳନାର ଗୁରୁଭାର ବହନ କରୁଥିବା, ପୂର୍ଣ୍ଣକ୍ଷମତାର ପରିଚାଳନା କମିଟି ନାହିଁ । ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ ଅନୁଯାୟୀ ପ୍ରତି ୨ ମାସରେ ବୈଠକ ବସିବାର ଥିଲେ ବି ୯ ମାସ ହେଲାଣି ଥରୁଟିଏ ବି ପରିଚାଳନା କମିଟିର ବୈଠକ ବସିନି । ଗତବର୍ଷ ରଥଯାତ୍ରା ପରେ ଅଗଷ୍ଟ ମାସରେ ଶେଷଥର ପାଇଁ ବସିଥିଲା ମ୍ୟାନେଜିଂ କମିଟି ବୈଠକ । ଗଜପତିଙ୍କ କହିବା କଥା, କମିଟିର ମନୋନୀତ ୧୦ ସଦସ୍ୟଙ୍କ ୩ ବର୍ଷିଆ କାର୍ଯ୍ୟକାଳ ସରିବା ପୂର୍ବରୁ ଗତ ବର୍ଷ ଜୁଲାଇ ପହିଲାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମନୋନୟନ ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଥିଲା । ଯା ପରେ ବାରମ୍ବାର ଚିଠି ଲେଖା ଏବଂ ବ୍ୟକ୍ତିଗତ ସାକ୍ଷାତ କରି ଜଣାଇବା ସତ୍ତ୍ୱେ ବି ହୋଇପାରୁନି । କେଉଁଠି ଅଟକିଛି ଆମେ ଜାଣି ପାରୁନୁ କହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଗଜପତି । ସେପଟେ କେବଳ ଶ୍ରୀଜୀଉଙ୍କ ଶୃଙ୍ଖଳିତ ନୀତିକାନ୍ତି ଓ ଯାନିଯାତ୍ରାର ସୁପରିଚାଳନା ନୁହେଁ, ପରିଚାଳନା କମିଟି ନଥିବାରୁ ଏଥର ଶ୍ରୀମନ୍ଦିରର ପୂର୍ଣ୍ଣାଙ୍ଗ ବଜେଟ୍ ବି ଆସିପାରି ନାହିଁ । ଏହାବାଦ୍ ରତ୍ନଭଣ୍ଡାର ଗଣତି ମଣତିଠୁ ନେଇ ଇସ୍କନର ଅଦିନିଆ ରଥଯାତ୍ରା, ଦୀଘା ଜଗନ୍ନାଥ ଧାମ ବିବାଦ, ଡ୍ରୋନ୍ କଟକଣା, ଜମିଜମା ସମସ୍ୟା ଆଦିର ସମାଧାନ କ୍ଷେତ୍ରରେ ନିଷ୍ପତ୍ତି ନିଆଯାଇ ପାରୁ ନଥିବାରୁ ସରକାରଙ୍କ ଖାମଖିଆଲି ମନୋଭାବକୁ ନେଇ ଅସନ୍ତୋଷ ବଢ଼ିଛି । ଗଜପତିଙ୍କ କ୍ଷୋଭ ପରେ ଗତ ଏପ୍ରିଲ ୨୯ରେ ଏଇ ସପ୍ତାହକ ଭିତରେ ପରିଚାଳନା କମିଟି ଗଢ଼ାଯିବ ବୋଲି କହିଥିବା ଆଇନ ମନ୍ତ୍ରୀ ଆଜି ବିଳମ୍ବ ପାଇଁ କୋର୍ଟଙ୍କ ଆଳ ନେଇଛନ୍ତି । କହିଛନ୍ତି ପରିଚାଳନା କମିଟିରେ କିଏ ରହିବେ ନ ରହିବେ ସେ ନେଇ ଜଣେ ସେବାୟତ ହାଇକୋର୍ଟକୁ ଯାଇଥିବାରୁ ଏଭଳି ସ୍ଥିତି ଉପୁଜିଛି । ହେଲେ ହାଇକୋର୍ଟରେ ଆବେଦନକାରୀ ଖୁଣ୍ଟିଆ ନିଯୋଗ ସଭାପତି କିନ୍ତୁ ମାମଲାରେ ନିଜ ପକ୍ଷ ରଖିବାରେ ବିଧି ବିଭାଗ ଟାଳଟୁଳ ନୀତି ପାଇଁ ମାମଲା ଗଡି ଚାଲିଥିବା ଅଭିଯୋଗ କରିଛନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ଆଇନ୍ ୧୯୫୫ ଅନୁସାରେ ଶ୍ରୀମନ୍ଦିରର ସୁପରିଚାଳନା ପାଇଁ ପରିଚାଳନା କମିଟି ବାଧ୍ୟତାମୂଳକ । ହେଲେ ସ୍ନାନଯାତ୍ରା ପରି ଏଥର ବିନା ପରିଚାଳନା କମିଟିରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ବି ହେବାକୁ ଯାଉଥିବାରୁ ଉଦବେଗ ବଢ଼ିଥିବା ଜଣାପଡିଛି ।

# ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଅଞ୍ଚଳ ବୁଲି ଦେଖିଲେ ଖଣିମନ୍ତ୍ରୀ



**ଗୋପାଳପୁର, ୧୮/୦୬**
**ନ୍ୟୁଜ ବ୍ୟୁରୋ**

ଗୋପାଳପୁର ବେଳାଭୂମିରେ ଗତ ରବିବାର ରାତିରେ ଘଟିଥିବା ଗଣଦୁଷ୍କର୍ମ ସ୍ଥାନ ପରିଦର୍ଶନରେ ଆସି ଅଞ୍ଚଳ ବୁଲି ଦେଖିଛନ୍ତି ଗୋପାଳପୁର ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ପରିଦର୍ଶନ ସମୟରେ ନିଜେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶ୍ରବଣ ବିବେକ କୁମାରଙ୍କ ସହ ଗୋପାଳପୁର ଥାନା ଆଇଆଇସି ପ୍ରଶାନ୍ତ ମଲ୍ଲିକ, ବ୍ରହ୍ମପୁର ଉପଜିଲ୍ଲାପାଳ ଧିନା ଦସ୍ତାଗିର ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ମନ୍ତ୍ରୀ ଗଣଦୁଷ୍କର୍ମ ସ୍ଥାନରେ ପହଞ୍ଚି ସମସ୍ତ ତଦନ୍ତ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ । ଏହାସହ ବେଳାଭୂମିରେ ଆଲୋକୀକରଣ ବ୍ୟବସ୍ଥାସହ ବେଳାଭୂମିର ନବୀକରଣ କରାଯିବ ବୋଲି କହିଛନ୍ତି ମନ୍ତ୍ରୀ । ବେଳାଭୂମିରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ବିଭୂତି ଜେନା ।

# ସିଡିଏ ମାର୍କେଟ୍ କମ୍ପ୍ଲେକ୍ସରେ ଗଡ଼ିଲା ମୁଣ୍ଡ

**କଟକ, ୧୮/୦୬**
**ନ୍ୟୁଜ ବ୍ୟୁରୋ**



କଟକ ବକ୍ସି ବଜାର ସ୍ଥିତ ସିଡିଏ ମାର୍କେଟ୍ କମ୍ପ୍ଲେକ୍ସରେ ହତ୍ୟାକାଣ୍ଡ । ଦୁର୍ବୃତ୍ତମାନେ ଜଣେ ଦୋକାନ କର୍ମଚାରୀଙ୍କ ତଣ୍ଟି କାଟି ନିର୍ମମ ଭାବେ ହତ୍ୟା କରିଛନ୍ତି । ମୃତକ ହେଉଛନ୍ତି ଆଶୋକ ବାରିକ (୫୪ ବର୍ଷ) ଏବଂ ତାଙ୍କ ଘର ବାଦାମବାଡ଼ି ଶଙ୍କରପୁର ମଙ୍ଗଳା ଲେନ୍ ? ଅଞ୍ଚଳରେ ବୋଲି ଜଣାପଡ଼ିଛି । ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାସ୍ଥଳରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ପହଞ୍ଚି ତଦନ୍ତ ଚଳାଇଛି । ସୂଚନା ମୁତାବକ, ଦୁର୍ବୃତ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ହୋଟେଲର ବାରଣ୍ଡାରେ ଆଶୋକ ବାରିକଙ୍କୁ ହତ୍ୟା କରି ଫେରାର ହୋଇ ଯାଇଥିବାର ଖବର ମିଳିଛି । ହତ୍ୟାକାଣ୍ଡର କାରଣ ଓ ଅଭିଯୁକ୍ତଙ୍କ ବାବଦରେ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ଖବର ପାଇ ବୁଧବାର ସକାଳେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲ ପଠାଇଛି । ପୁଲିସ ସହ ସାଇଣ୍ଟିଫିକ ଟିମ୍ ? ମିଶି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚଳାଇଛି । ରାଜ୍ୟ ପୁଲିସ ମୁଖ୍ୟାଳୟଠାରୁ ଅଳ୍ପ ଦୂରରେ ଏହି ହତ୍ୟାକାଣ୍ଡ ଘଟିଥିବାରୁ ପୁଲିସକୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ ହୋଇଛି । ଘଟଣାସ୍ଥଳରେ ନିଶାଆଡ୍ଡା ଚାଲିଥିବାରୁ ନିଶାଶକ୍ତମାନେ କୌଣସି ଘଟଣାକୁ ନେଇ ଏହି କାଣ୍ଡ ଘଟାଇ ଥାଇ ପାରନ୍ତି ବୋଲି ଆଲୋଚନା ହେଉଛି ।

# ମାଡ଼ିଗଲାଣି ହଇଜା : ଦୁଇ ହଜାର ଟପିଲାଣି ଆକ୍ରାନ୍ତଙ୍କ ସଂଖ୍ୟା, ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି

**ଯାଜପୁର, ୧୮/୬ :ନ୍ୟୁଜ ବ୍ୟୁରୋ**

ହଇଜାରେ ଘାଣ୍ଟି ହେଉଛି ଯାଜପୁର । ଜିଲ୍ଲାରେ ମାଡ଼ିଗଲାଣି ଝାଡ଼ାବାନ୍ତି । ପ୍ରତି ବ୍ଲକରେ ଶତାଧିକ ରୋଗୀ । ହଇଜା ଚିହ୍ନଟ ପରେ ଆହୁରି ବିଗିଡ଼ି ଯାଇଛି ସ୍ଥିତି । ବୁଧବାର ଆଉ ୨ ଜଣଙ୍କ ମୁଣ୍ଡ ନେଇଛି ହଇଜା । ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି ପାଇଥିବା ବେଳେ ଏବେବି ୨୧୦ ଜଣ ଆକ୍ରାନ୍ତ ଜିଲ୍ଲାରେ ଚିକିତ୍ସିତ ଅଛନ୍ତି । ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୮୦ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବେଳେ ଯାଜପୁର ବ୍ୟାସନଗର ସ୍ଥିତ ଯାଜପୁର ରୋଡ୍ ଅର୍ବାନ ସିଏଚସିରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ସ୍ୱାସ୍ଥ୍ୟମନ୍ତ୍ରୀ, କେନ୍ଦ୍ରୀୟ ଟିମ୍, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଘନଘନ ଯାଜପୁର ଗସ୍ତରେ ଆସୁଛନ୍ତି । ପରିବାରରେ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲା ବେଳକୁ ଅନ୍ୟମାନେ ଅସୁସ୍ଥ ହୋଇପଡୁଛନ୍ତି । ଗାଁ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି । କେତେକ ରୋଗୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଘରକୁ ଫେରୁଥିବା ବେଳେ କେତେକଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି । ଯାଜପୁରରେ ଏକ ଭୋଜିରୁ ଝାଡ଼ାବାନ୍ତି ବ୍ୟାପିଥିବା ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରୁଥିବା ବେଳେ କେଉଁ କାରଣରୁ ଏହା ଅଧିକ ମାତ୍ରାରେ ବ୍ୟାପି ଚାଲିଛି ତାହା ସ୍ପଷ୍ଟ ହୋଇନାହିଁ । ଲୋକମାନେ ଦୂଷିତ ପାଣି, ନଦୀ ପାଣି, ନଳକୂପ ପାଣି ନା ବାସି ଖାଦ୍ୟ ଯୋଗୁଁ ଏଭଳି ସ୍ଥିତି ଉପୁଜିଲା ଏହାର ଉତ୍ତର କାହା ପାଖରେ ନାହିଁ । କେତେକ ଅଞ୍ଚଳରେ ଲୋକଙ୍କ କହିବା କଥା ଗରମ ଗୁଳୁଗୁଳିରେ ଆମ୍ବ ଖାଇବା ଯୋଗୁ ମଧ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି । ଝାଡ଼ାବାନ୍ତି ବ୍ୟାପିବାର କାରଣ ଖୋଜିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଟେଲର ଖାଦ୍ୟ ଓ ବିଭିନ୍ନ ସ୍ଥାନରୁ ପାଣି ସଂଗ୍ରହ କରି ପରୀକ୍ଷା କରୁଛି । ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାରଣ ଜଣାପଡ଼ି ନାହିଁ । କେନ୍ଦ୍ରୀୟ ଟିମ୍ ଯାଜପୁରର ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ଏହା ବ୍ୟାପିବାର କାରଣ ଖୋଜିବା ସହ ନିରାକରଣ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି । ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିବାକୁ ଏହାରି ମଧରେ ୯ ଦିନ ବିତିବାକୁ ବସିଲାଣି । ମାତ୍ର କେଉଁ ଉତ୍ସରୁ ପ୍ରକୃତରେ ଝାଡ଼ାବାନ୍ତି ବ୍ୟାପିଲା ରାଜ୍ୟ ସରକାର ଏହାର ପ୍ରକୃତ କାରଣ ଖୋଜି ପାଇପାରୁ ନାହାନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ନିରାକରଣ ପାଇଁ ଦୂଷିତ ପାଣିର ବିଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଧୀରେଧୀରେ ଏହା ଯାଜପୁର ଜିଲ୍ଲାର ପଡ଼ୋଶୀ ଜିଲ୍ଲାକୁ ବ୍ୟାପିବା ଆରମ୍ଭ କରି ସାରିଛି । ରାଜ୍ୟରେ ଏବେ ଝାଡ଼ାବାନ୍ତିର ଭୟ ଲାଗି ରହିଛି । ପ୍ରଶାସନ ପକ୍ଷରୁ ବାସି ଖାଦ୍ୟ ବିକ୍ରି ଅଭିଯୋଗରେ ବିଭିନ୍ନ ହୋଟେଲ ଓ ଉଠା ଦୋକାନୀଙ୍କ ଉପରେ ଚଢ଼ଉ କରାଯିବା ସହ ଭୋଜି ନକରିବାକୁ ବାରଣ କରା ଯାଇଛି । ଯାଜପୁର ଜିଲ୍ଲାରେ ୨ ହଜାରରୁ ଅଧିକ ଆକ୍ରାନ୍ତ ହୋଇ ସାରିଲେଣି । ଏହାର ନିରାକରଣ ଅଭିଯାନ ଘରକୁ ଘର ସଚେତନତା ଓ ଝାଡ଼ାବାନ୍ତି ଚିହ୍ନଟ କାର୍ଯ୍ୟ ଜାରି ରହିଛି । ବିଶୋଧନ ଓ ପରିମଳ କାର୍ଯ୍ୟ ଆରମ୍ଭ ହୋଇଛି । ଏଥିସହ ଆଶା, ଅଙ୍ଗନୱାଡ଼ି ସଚେତନ କରିବା ସହିତ ଗାଁ ଗାଁରେ ପ୍ରଚାର କରାଯାଉଛି । କେନ୍ଦ୍ରୀୟ ଟିମ୍ ଗ୍ରାଉଣ୍ଡରେ ସ୍ଥିତି ଉପରେ ନଜର ରଖିଛନ୍ତି । ବଡ଼ କଥା ହେଲା ମୌସୁମୀ ବର୍ଷା ହେଉଛି । ଏହି ସମୟରେ ଅଧିକ ସଚେତନ ରହିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ ।

## ମଣିଷଠାରୁ ମଣିଷଙ୍କୁ ଡେଉଁଛି ଜୀବାଣୁ

# ଝାଡ଼ାବାନ୍ତି ଏବେ ସେକେଣ୍ଡ ଟ୍ରାନ୍ସମିସନ୍ ଷ୍ଟେଜରେ ଅଛି :ଏମ୍ସ ନିର୍ଦ୍ଦେଶକ

**ଭୁବନେଶ୍ୱର, ୧୮/୦୬ :ନ୍ୟୁଜ ବ୍ୟୁରୋ**



ଝାଡ଼ାବାନ୍ତି ଏବେ ସେକେଣ୍ଡ ଟ୍ରାନ୍ସମିସନ ଷ୍ଟେଜରେ ଅଛି । ଜଳ ବାହିତ ଏହି ଜୀବାଣୁ ଏବେ ମଣିଷଙ୍କ ଠାରୁ ମଣିଷଙ୍କୁ ଡେଉଁଛି । ଅର୍ଥାତ୍ ସଂକ୍ରମିତ ଅଞ୍ଚଳର ବ୍ୟକ୍ତି ଅନ୍ୟ ଅଞ୍ଚଳକୁ ଯିବା ଏବଂ ସେଠାରେ ଝାଡ଼ା କିମ୍ବା ବାନ୍ତି କଲେ ତାହା ପାଣି ସହ ମିଶି ସଂକ୍ରମଣ ବଢ଼ାଇଥାଏ ବୋଲି କହିଛନ୍ତି ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକ । ଯାଜପୁରରୁ ଆରମ୍ଭ ହୋଇଥିବା ଏହି କଲେରା ଆଖପାଖ ଜିଲ୍ଲାକୁ ବ୍ୟାପିବାରେ ଲାଗିଛି । ଏଥିରେ ଏକାଧିକ ମୁଣ୍ଡ ଗଲାଣି । ମଙ୍ଗଳବାର ଯାଜପୁରରେ ସ୍ଥିତି ଅନୁଧ୍ୟାନ କରିବା ପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ । ଅନ୍ୟପଟେ ଡାଇରିଆ ଓ କଲେରା କାହିଁକି ବ୍ୟାପୁଛି ତା'ର କାରଣ କହିଛନ୍ତି କେନ୍ଦ୍ରୀୟ ଟିମ୍ । ପାଣି ଯୋଗୁଁ ଏହା ବ୍ୟାପିବାରେ ଲାଗିଛି ବୋଲି ଟିମ୍ ପକ୍ଷରୁ କୁହାଯାଇଛି । ଯାଜପୁର ପରେ ଏବେ ବାଲେଶ୍ୱରକୁ ଡେଇଁଛି ଡାଇରିଆ । ବାଲେଶ୍ୱର ଜିଲ୍ଲା ସୋରରେ କିଛି ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଏପଟେ ଯାଜପୁରରେ ବଢ଼ିଛି ମୃତ୍ୟୁ ସଂଖ୍ୟା । ଯାଜପୁର ରୋଡ୍ ମେଡ଼ିକାଲରେ ଝାଡ଼ାବାନ୍ତିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ପରେ ପରେ କେନ୍ଦ୍ରାପଡ଼ା, କଟକ ଟାଙ୍ଗୀ, ଚୌଦ୍ୱାର, ବାଙ୍କୀରେ ମଧ ଡାଇରିଆ ବ୍ୟାପିବାରେ ଲାଗିଛି ।

## ରବି ଧାନ ସଂଗ୍ରହରୁ ଏସ୍ଏଚ୍‌ଜିକୁ ବାଦ ମାମଲା

# ସମ୍ବଲପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ରଦ୍ଦ କଲେ ହାଇକୋର୍ଟ

**କଟକ, ୧୮/୦୬ ନ୍ୟୁଜ ବ୍ୟୁରୋ**

ଧାନ ସଂଗ୍ରହ ପ୍ରକ୍ରିୟାରୁ ଏସଏଚଜିକୁ ବାଦ ଦେବା ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ସମ୍ବଲପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କୋର୍ଟ ରଦ୍ଦ କରିବା ସହ ସାନି ନିଷ୍ପତ୍ତି ନେବା ପୂର୍ବରୁ ଜିଲ୍ଲାପାଳ, ଆବେଦନକାରୀ ଏସଏଚଜିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବେ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି । ଖରିଫ ମାର୍କେଟିଂ ସିଜିନ (୨୦୨୪-୨୫)ରୁ ଧାନ ସଂଗ୍ରହ ପ୍ରକ୍ରିୟାରୁ ମା'ବିରଜା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)କୁ ବାଦ୍ ଦେବା ନେଇ ସମ୍ବଲପୁର ଜିଲ୍ଲାପାଳ ଗତ ୨୦୨୫, ମେ' ୧୩ରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସେହିପରି ନିର୍ଦ୍ଦିଷ୍ଟ ଭାବେ ଆବେଦନକାରୀ ଏସଏଚଜି ବିରୋଧରେ କ'ଣ ଅଭିଯୋଗ ରହିଛି ଓ ତଥ୍ୟ ରହିଛି ସେ ନେଇ ଜିଲ୍ଲାପାଳଙ୍କ ପକ୍ଷରୁ ଜାରି କରାଯିବାକୁ ଥିବା କାରଣ ଦର୍ଶାଅ ନୋଟିସରେ ଉଲ୍ଲେଖ କରାଯିବ । ଏହାର ଦୁଇ ସପ୍ତାହ ଭିତରେ ଧାନ ସଂଗ୍ରହ ପ୍ରକ୍ରିୟାରୁ ବାଦ ଦେବା ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ କ୍ଷମତା ପରିସର ଓ ଅନ୍ୟ ପ୍ରସଂଗରେ ଆବେଦନକାରୀ ଏସଏଚଜି ଲିଖିତ ଆପତ୍ତି ଦାଖଲ କରିବ । ଏହାପରେ ଶୁଣାଣି ସମୟରେ ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦେବା ପରେ ଜିଲ୍ଲାପାଳ ଏହି ପ୍ରସଂଗରେ ଯୁକ୍ତିଯୁକ୍ତ ନିର୍ଦ୍ଦେଶ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି । ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମା'ବିରଜା ଏସଏଚଜିର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ୨୦୨୪-୨୫ (ରବି ଋତୁ) ପାଇଁ ଧାନ ସଂଗ୍ରହ ଲାଗି ଆବେଦନକାରୀ ଏସଏଚଜିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା । ୨୦୨୦ରେ ସବ୍-ଡିଭିଜନାଲ ଚୟନ କମିଟି ଆବେଦନକାରୀ ଏସଏଚଜି ସମେତ ୮ଟି ଏସଏଚଜିକୁ ଧାନ ସଂଗ୍ରହ ପାଇଁ ଚୟନ କରିଥିଲା । ସେହି ସମୟ ଠାରୁ ସମ୍ବଲପୁର ନିୟନ୍ତ୍ରିତ ବଜାର କମିଟି ପାଇଁ ଆବେଦନକାରୀ ଏସଏଚଜି ଧାନ ସଂଗ୍ରହ କରି ଆସୁଛି । କେଏମଏସ ୨୦୨୪-୨୫ରେ ଧାନ ସଂଗ୍ରହ ପାଇଁ ଆବେଦନକାରୀ ଏସଏଚଜି ମଧ ସମ୍ବଲପୁର ଯୋଗାଣ ନିଗମ ଜିଲ୍ଲା ପରିଚାଳକ ଓ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀଙ୍କ ସହିତ ୨୦୨୪, ନଭେମ୍ବର ୧୯ରେ ଚୁକ୍ତି ସ୍ୱାକ୍ଷର କରିଥିଲା । ୨୦୨୫, ଏପ୍ରିଲ ୨୯ର ଜିଲ୍ଲାସ୍ତରୀୟ କମିଟି ବୈଠକର ନିଷ୍ପତ୍ତି ଅନୁସାରେ ଆବେଦନକାରୀ ଏସଏଚଜିକୁ ଧନକୁଆଡ଼ ବ୍ଲକରୁ ଧାନ ସଂଗ୍ରହ ପାଇଁ ଅନୁମତି ଦିଆଯାଇଥିଲା । ପରବର୍ତ୍ତୀ ସମୟରେ କେତେକ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ତଦନ୍ତ କରି ଡିଆରସିଏସ ଓ ସିଏସଓ ରିପୋର୍ଟ ଦାଖଲ କରିବା ପରେ ସମ୍ବଲପୁର ଜିଲ୍ଲାପାଳ ଧାନ ସଂଗ୍ରହ ପ୍ରକ୍ରିୟାରୁ ଆବେଦନକାରୀ ଏସଏଚଜିକୁ ତୁରନ୍ତ ବାଦ ଦେବାକୁ ୨୦୨୫, ମେ' ୧୩ରେ ନିର୍ଦ୍ଦେଶ ଦେଇଥିଲେ । ଏପରି ନିର୍ଦ୍ଦେଶ ପ୍ରଦାନ ପୂର୍ବରୁ ଆବେଦନକାରୀ ଏସଏଚଜିକୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନଥିବା ଅଭିଯୋଗ ହୋଇଥିଲା । ଏଥି ସହିତ କ'ଣ ଅଭିଯୋଗ ରହିଛି ଓ କ'ଣ ତଦନ୍ତ ରିପୋର୍ଟରେ ରହିଛି ସେ ନେଇ ଆବେଦନକାରୀଙ୍କୁ କୌଣସି ତଥ୍ୟ ପ୍ରଦାନ କରାଯାଇ ନଥିଲା । ଏପରି ନିର୍ଦ୍ଦେଶ ଦେବାକୁ ଜିଲ୍ଲାପାଳଙ୍କୁ ଆଇନ କ୍ଷମତା ଦେଇ ନାହିଁ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

DSPL-129

ଓଡ଼ିଶା ଶାସନ

ଡ଼ାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ । ବିଳମ୍ବ କଲେ ବିପଦ ଅଛି ।

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10003/13/0207/2526